## ଜିଲାସ୍ତରୀୟ ମକ୍‌ଡ୍ରିଲ

# ସଜାଗ ରହିଲେ କ୍ଷୟକ୍ଷତି ପରିମାଣ କମ୍ ହୁଏ

**କେନ୍ଦ୍ରାପଡା ଅଫିସ, ୧୯।୬**

ସତର୍କ ନ ରହିଲେ ପ୍ରାକୃତିକ ବିପର୍ଯ୍ୟୟ ବଡ ଧରଣର କ୍ଷତି ଘଟାଇଥାଏ। ପ୍ରଶାସନ ଓ ଜନସାଧାରଣ ସତର୍କ ଓ ସଜାଗ ରହିଲେ କ୍ଷୟକ୍ଷତି ଖୁବ କମ ହୋଇଥାଏ। ପାକୃତିକ ବିପର୍ଯ୍ୟୟରୁ ବର୍ତ୍ତିବା ପାଇଁ ମକ୍‌ଡ୍ରିଲର ଆବଶ୍ୟକତା ରହିଛି। ଏଥିପାଇଁ ଚଳିତବର୍ଷ ସମ୍ଭାବ୍ୟ ଝଡ଼ତୋଫାନ 'ହିକ୍କା'ର ପରିକଳ୍ପନା କରାଯାଇ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲା ପ୍ରଶାସନକୁ ସୂଚନା ଦିଆଯାଇଥିଲା। ଏହି ବିପର୍ଯ୍ୟୟରୁ ବର୍ତ୍ତିବା ପାଇଁ ଜିଲାସ୍ତରରେ ବୁଧବାର ଏକ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲାର ୧୧୭ଟି ଓସ୍‌ଡମା ଓ ରେଡକ୍ରସ ପକ୍ଷରୁ ନିର୍ମିତ ବାତ୍ୟା, ବନ୍ୟା ଆଶ୍ରୟସ୍ଥଳରେ ଏହି ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ଡିଜାଷ୍ଟର ରାପିଡ୍ ଆକସନ ଫୋର୍ସ (ଓଡ୍ରାଫ), ନ୍ୟାଶନାଲ ଡିଜାଷ୍ଟର ରେସ୍‌ପନ୍ସ ଫୋର୍ସ (ଏନଡିଆରଏଫ୍) ଓ



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ମକ୍‌ଡ୍ରିଲ୍।

ଅଗ୍ନିଶମ ବାହିନୀ ଅଂଶ ଗ୍ରହଣ କରିଥିଲେ। ଜିଲା ଓ ବ୍ଲକସ୍ତରୀୟ ପ୍ରଶାସନିକ ଅଧିକାରୀ, ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସାଧାରଣ ଜନତା ଭାଗ ନେଇଥିଲେ। ଏହି ଅବସରରେ ଆଶ୍ରୟସ୍ଥଳୀରେ ଥିବା ଆବଶ୍ୟକ ଭିତ୍ତିଭୂମି ଯାଞ୍ଚ କରାଯାଇଥିଲା। ସେହିପରି ବନ୍ୟା ଓ ସୁନାମି ସମୟରେ ବ୍ୟବହୃତ ବୋଟ, ଦେଶୀ ଡଙ୍ଗା, ତମ୍ବୁ, ଗଛକଟା ମେଶିନ ଆଦିର ତନଖି କରାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନେ ନିଜର ଆବଶ୍ୟକ ଦ୍ରବ୍ୟ ସହ ବାତ୍ୟା ଆଶ୍ରୟସ୍ଥଳରେ ପହଞ୍ଚିବା ସମ୍ପର୍କରେ ସଚେତନ କରାଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ମକ୍‌ଡ୍ରିଲରେ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ଜିଲା ଜରୁରିକାଳୀନ ଅଧିକାରୀ ସସ୍ମିତ ଶତପଥୀ, ଏସଡିପିଓ ରାଜୀବଲୋଚନ ପଣ୍ଡା, ଏସଡିପିଓ ରଞ୍ଜନ କୁମାର ଦେ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ଜିଲା ସହ ଅଗ୍ନିଶମ ଅଧିକାରୀ ବୀରଭଦ୍ର ଟୁଡୁ ଓ ସାଥୀ କର୍ମଚାରୀ ବିପର୍ଯ୍ୟୟ ପ୍ରଶମନ ପରିଚାଳନାର କେତେକ ଦୃଷ୍ଟାନ୍ତ ଉପସ୍ଥାପନ କରିଥିଲେ।

ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ଜିଲାରେ ୭ ନଦୀ, ୨୭ ଶାଖାନଦୀ ସହିତ ସୀମାରେଖାରେ ୪୮ କିଲୋମିଟର ବ୍ୟାପୀ ସମୁଦ୍ରତଟ ରହିଛି। ଚଳିତବର୍ଷ ବହୁ ନଦୀବନ୍ଧକୁ ସୁଦୃଢ଼ କରାଯାଇ ନଥିବା ବେଳେ ବନ୍ୟା ହେଲେ ଲୋକଙ୍କ ଧନଜୀବନ ହାନି ହେବା ଆଶଙ୍କା ଅଛି। ସେହିପରି ସମୁଦ୍ରତଟବର୍ତ୍ତୀ ୬୪ଟି ଗ୍ରାମ ସୁନାମୀ ପ୍ରବଣ ବୋଲି ରାଜ୍ୟ ଓ କେନ୍ଦ୍ର ସରକାର ପୂର୍ବରୁ ଘୋଷଣା କରିଛନ୍ତି। ଏଥିପାଇଁ ପ୍ରତ୍ୟେକ ପଞ୍ଚାୟତରେ ସରପଞ୍ଚଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇ ସାଧାରଣ ଜନତାଙ୍କୁ ସଚେତନ କରାଯାଉଛି।

## ନଳକୂପ ଅଚଳ, ପାଣି ପାଇଁ ହିନସ୍ତା

**ଆଳି, ୧୯।୬ (ଡି.ଏନ୍.ଏ.):** ସାରା ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ବିଭିନ୍ନ ସ୍ଥାନରେ ସାଧାରଣ ଲୋକମାନେ ଜଳକଷ୍ଟ ଭୋଗୁଛନ୍ତି। ଆଳି ବ୍ଲକ ଅଞ୍ଚଳରେ ଲୋକମାନେ ପାଣି ପାଇଁ ହିନସ୍ତା ହୋଉଥିବା ଅଭିଯୋଗ ହୋଇଛି। ଜୁଆଣିଆ ପଞ୍ଚାୟତସ୍ଥିତ ସିଦ୍ଧ ମଠ ପରିସରରେ ଥିବା ନଳକୂପଟି ୨ ମାସ ହେବ ଅଚଳ ହୋଇପଡିଛି। ପାନୀୟ ଜଳ ପାଇଁ ଏହି ନଳକୂପ ଉପରେ ସ୍ଥାନୀୟ ଅଞ୍ଚଳର ୧୦ରୁ ଊର୍ଦ୍ଧ୍ୱ ପରିବାର ନିର୍ଭର କରୁଥିବା ବେଳେ ଏହା ଅଚଳ ହୋଇଯିବା ଫଳରେ ଲୋକେ ନାନା ହଇରାଣ ହେଉଛନ୍ତି। ସେହିପରି ସେହି ରାସ୍ତାରେ ଠାକୁରପାଟଣା-ସଂସିଧାକୁ ଯାଉଥିବା ଶହଶହ ପଥଚାରୀ ମଧ ଅସୁବିଧା ଭୋଗୁଛନ୍ତି। ନଳକୂପଟି ମଝିରୁ ଭାଙ୍ଗି ଯାଇଥିବା ବେଳେ ଏହାର ମରାମତି କରାଯାଉନାହିଁ। ଫଳରେ ପାଣି ମୁନ୍ଦେ ପାଇଁ ଲୋକମାନେ ହଇରାଣ ହେଉଥିବା ବେଳେ ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଥିଲେ। ହେଲେ ସରପଞ୍ଚ ଏହାର ମରାମତି ଦିଗରେ ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ନଳକୂପଟିକୁ ମରାମତି କରିବାକୁ ସାଧାରଣରେ ଦାବି ହୋଇଛି।

## ମକ୍‌ଡ୍ରିଲରେ 'ହିକ୍କା'ର ପରିକଳ୍ପନା

**କେନ୍ଦ୍ରାପଡା ଅଫିସ, ୧୯।୬:** ସାଧାରଣରେ କୌଣସି ଝଡ଼ବାତ୍ୟା (ସାଇକ୍ଲୋନ)ର ବେଗ ଘଣ୍ଟା ପ୍ରତି ୬୫ କିଲୋମିଟର (ଘଣ୍ଟା ପ୍ରତି ୪୦ ମାଇଲ)ରୁ ଅଧିକ ହେବା ସମ୍ଭାବନା ଦେଖାଗଲେ ଏହାର ନାମକରଣ କରାଯାଇଥାଏ। ଉତ୍ତର ଭାରତୀୟ ସାମୁଦ୍ରିକ ଅଞ୍ଚଳରେ ଥିବା ବାଂଲାଦେଶ, ଭାରତ, ମାଲଡିଭିସ, ମିଆଁମାର, ଓମାନ, ପାକିସ୍ତାନ, ଶ୍ରୀଲଙ୍କା ଓ ଥାଇଲାଣ୍ଡ ଦେଶର ସମ୍ମିଶ୍ରଣରେ ଗଠିତ ଏକ କମିଟି ଏହି ଝଡ଼ର ନାମକରଣ କରିଥାନ୍ତି। ଆଗାମୀ ଝଡବାତ୍ୟାର ନାମକରଣ ହିକ୍କା ହୋଇଥିବା ବେଳେ ମାଲଡିଭିସ ଦେଶ ପକ୍ଷରୁ ଏହାର ନାମକରଣ କରାଯାଇଛି। ଏହା ପୂର୍ବରୁ ଭାରତ ଦେଶ ନାମିତ ବାୟୁ ଓ ବାଂଲାଦେଶ ନାମିତ ଫନୀ ଝଡ଼ବାତ୍ୟା ଭାରତରେ ବିଶେଷ ପ୍ରଭାବ ପକାଇଥିଲା। ଏହାର ପରବର୍ତ୍ତୀ ଝଡ଼ବାତ୍ୟା କ୍ୟାର ମ୍ୟାନ୍‌ମାର ପକ୍ଷରୁ ହୋଇଛି। ସେହିପରି କ୍ୟାର ଝଡ଼ବାତ୍ୟା ପରେ ଓମାନ ପକ୍ଷରୁ ନାମିତ ମହା, ପାକିସ୍ତାନ ପକ୍ଷରୁ ନାମିତ ବୁଲବୁଲ, ଶ୍ରୀଲଙ୍କା ନାମିତ ସୋବା ଓ ଥାଇଲାଣ୍ଡ ପକ୍ଷରୁ ଅମ୍ପାନ ନାମକରଣ କରାଯାଇଛି। ଚଳିତବର୍ଷ ମକ୍‌ଡ୍ରିଲରେ ହିକ୍କା ଝଡବାତ୍ୟାର ପରିକଳ୍ପନା କରାଯାଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ଅଧୀନ ଓସ୍‌ଡମା (ଓଡ଼ିଶା ଷ୍ଟେଟ ଡିଜାଷ୍ଟର ମ୍ୟାନେଜମେଣ୍ଟ ଅଥରିଟି) ପକ୍ଷରୁ ଗତ ୩ ଦିନ ଧରି ଜିଲାପାଳଙ୍କ ନିକଟକୁ ସମ୍ଭାବ୍ୟ ଝଡବାତ୍ୟା ହେବ ବୋଲି ସତର୍କ ବାର୍ତ୍ତା ସମ୍ବଳିତ ଚିଠି ଆସିଥିଲା। ଏହି ଝଡବାତ୍ୟା ପ୍ରଭାବରୁ ଜନସାଧାରଣଙ୍କୁ ସଚେତନ ପାଇଁ ପ୍ରଶାସନ ପକ୍ଷରୁ ମକ୍‌ଡ୍ରିଲ ଆରମ୍ଭ କରାଯାଉ ବୋଲି ଉଲ୍ଲେଖ ଥିଲା।

## ଶ୍ରୀବଳଦେବଜୀଉଙ୍କ ରଥଯାତ୍ରା ନୀତି ନିର୍ଘଣ୍ଟ ଚୂଡ଼ାନ୍ତ

**କେନ୍ଦ୍ରାପଡା ଅଫିସ, ୧୯।୬**

ଆସନ୍ତା ଜୁଲାଇ ୪ ତାରିଖ ଗୁରୁବାର ତୁଳସୀ କ୍ଷେତ୍ରର କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉ ବ୍ରହ୍ମ ତାଳଧ୍ୱଜ ରଥ ଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀଜୀଉଙ୍କ ଦୋବୋଉର ସଂସ୍ଥା ପକ୍ଷରୁ ନୀତିନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ଏ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ବୁଧବାର ସୂଚନା ଦେଇଛନ୍ତି, ଜୁଲାଇ ୨ ତାରିଖରେ ଶ୍ରୀଜୀଉଙ୍କ ନେତ୍ରୋତ୍ସବ ଅନୁଷ୍ଠିତ ହେବ। ସକାଳ ୬ରୁ ୭ଟା ମଧ୍ୟରେ ଶ୍ରୀଜୀଉଙ୍କ ନବଯୌବନ ଦର୍ଶନ ସହ ଜୟ ମଙ୍ଗଳା ଆଳତୀ ହେବ। ସେହିପରି ୯ରୁ ୧୦ଟା ମଧ୍ୟରେ ନୀତିସ୍ନାନ, ୧୦ଟାରୁ ୧୨ଟା ମଧ୍ୟରେ ନ୍ୟାସ ଓ ହୋମ, ଅପରାହ୍ନ ୧ଟା ମଧ୍ୟରେ ବଲ୍ଲଭ ମଣୋହୀ, ୨ଟା ମଧ୍ୟରେ ମଙ୍ଗଳାର୍ପଣ, ୩ଟା ମଧ୍ୟରେ ଖେଚୁଡ଼ି ଧୂପ, ୫ଟା ମଧ୍ୟରେ ଦ୍ୱିପ୍ରହର ଧୂପ ଓ ସନ୍ଧ୍ୟା ୭ଟା ମଧ୍ୟରେ ସନ୍ଧ୍ୟା ଉଠାଣୀ ଓ ଆଳତି ଅନୁଷ୍ଠିତ ହେବ। ୮ଟାରେ ନେତବନ୍ଧା, ରଥ ପ୍ରତିଷ୍ଠା, ୯ଟାରେ ରାତ୍ର ଧୂପ ହୋଇ ୧୧ଟାରେ ବଡସିଂହାର ବେଶ ହେବ। ୪ ତାରିଖ ସକାଳ ୬ଟାରେ ମଙ୍ଗଳ ଆଳତ, ୮ରୁ ୯ଟା ମଧ୍ୟରେ ନୀତିସ୍ନାନ ବଲ୍ଲଭ, ୧୦ଟା ମଧ୍ୟରେ ଖେଚୁଡି ଧୂପ ପରେ ୧୧ଟାରେ ରଥଯାତ୍ରା ପାଇଁ ଶ୍ରୀଜୀଉଙ୍କ ସେନାପଟା କରାଯିବ। ଅପରାହ୍ନ ୨ଟା ମଧ୍ୟରେ ମଙ୍ଗଳାର୍ପଣ, ୩ଟା ମଧ୍ୟରେ ଶ୍ରୀଜୀଉ ରଥକୁ ବିଜେ ହେବେ। ଅପରାହ୍ନ ୪ଟାରୁ ୫ଟା ମଧ୍ୟରେ ରଥଟଣା ହେବ। ଦ୍ୱିତୀୟ ରଥଟଣା ୫ ତାରିଖ ୨ଟା ମଧ୍ୟରେ ଅନୁଷ୍ଠିତ ହେବ। ୬ ତାରିଖ ରାତ୍ର ୯ଟାରେ ଶ୍ରୀଜୀଉ ମାଉସୀମା' ମନ୍ଦିର ବିଜେ କରିବେ। ୮ତାରିଖ ହେରାପଞ୍ଚମୀ ତିଥିରେ ରଥଭଙ୍ଗା କାର୍ଯ୍ୟ ରାତ୍ର ମଧ୍ୟରେ ସମାପ୍ତ ହେବ। ୧୨ ତାରିଖରେ ବାହୁଡା ଯାତ୍ରା ପାଇଁ ମଧାହ୍ନ ୧୨ଟା ମଧ୍ୟରେ ଖେଚୁଡି ଧୂପ ହେବ। ଅପରାହ୍ନ ୪ଟାରେ ଶ୍ରୀଜୀଉ ପହଣ୍ଡି ବିଜେ କରିବେ। ୧୩ ତାରିଖ ଅପରାହ୍ନ ୨ଟାରେ ରଥଟଣା ଆରମ୍ଭ ହେବ। ୧୪ ତାରିଖରେ ଶ୍ରୀଜୀଉଙ୍କ ନିଳାଦ୍ରୀ ବିଜେ, ରଘୁନାଥ ବେଶ ପ୍ରମୁଖ ନୀତି ସମ୍ପନ୍ନ ହେବ।

## ତେଣ୍ଡାକୁଡ଼ାରେ ବିଜେଡି କର୍ମୀ ସମ୍ମିଳନୀ

**ପାଟକୁରା, ୧୯।୬ (ଡି.ଏନ୍.ଏ.)**

ଗରଦପୁର ବ୍ଲକ ତେଣ୍ଡାକୁଡ଼ା ପଞ୍ଚାୟତରେ ମଙ୍ଗଳବାର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ରଣେନ୍ଦ୍ରପ୍ରତାପ ସ୍ୱାଇଁ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇ ପାଟକୁରା ନିର୍ବାଚନ ରଣନୀତି ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ପର୍ଯ୍ୟବେକ୍ଷକ ହରିପ୍ରସାଦ ସାହୁ ଓ ବିଜେଡି ନେତା ସଞ୍ଜୟ କୁମାର ଅଗ୍ରୱାଲ ଏହି ସମ୍ମିଳନୀରେ ଯୋଗଦେଇ ପାଟକୁରା ବିଧାନସଭା ଆସନରେ ବିଜେଡ଼ି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲଙ୍କୁ ଜୟଯୁକ୍ତ କରାଇବାକୁ ଆହ୍ୱାନ ଦେଇଥିଲେ। ବ୍ଲକର ପୂର୍ବତନ ଚେୟାରମ୍ୟାନ ବାସୁଦେବ ବେହେରା, ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ମହାନ୍ତି, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରାଜେଶ ଦାସ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।

## ଓଜେଇଇ ଫଳ ପ୍ରକାଶିତ

# ସ୍ମିତାରାଣୀ ଏମ୍‌ସିଏ ଟପ୍ପର

**ମହାକାଳପଡ଼ା/ମାର୍ଶାଘାଇ ୧୯।୬ (ଡି.ଏନ୍.ଏ.)**

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ଫଳ ବୁଧବାର ପ୍ରକାଶ ପାଇଛି। ଓଜେଇଇ ଏମ୍‌ସିଏରେ ମହାକାଳପଡ଼ା ବ୍ଲକ ମହାକାଳପଡ଼ା ଗ୍ରାମର ହରପ୍ରିୟା ଓ ଶିବପ୍ରସାଦ ଚୌଧୁରୀଙ୍କ ଝିଅ ସ୍ମିତାରାଣୀ ଚୌଧୁରୀ ଓଡ଼ିଶା ଟପ୍ପର ହୋଇଛନ୍ତି। ସ୍ମିତାରାଣୀ ପିଲାଦିନୁ ଖୁବ୍ ମେଧାବୀ ଥିଲେ। ଭୁବନେଶ୍ୱରସ୍ଥିତ ରତ୍ନପଲ୍ଲୀ ସ୍କୁଲରୁ ମାଟ୍ରିକ ପାସ୍ କରିବା ପରେ ଷ୍ଟିୱାର୍ଟ ସ୍କୁଲରେ ଯୁକ୍ତ ୨ ବିଜ୍ଞାନ ପଢ଼ିଥିଲେ। ସେଠାରୁ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ସ୍ମିତାରାଣୀ ଅଡ଼ଶପୁରସ୍ଥିତ ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନରେ ନାମ ଲେଖାଇଥିଲେ। ବାପା ଶିକ୍ଷକତା କରୁଥିବା ବେଳେ ମା'ବାପାଙ୍କର ଇଚ୍ଛା ଝିଅ ପଦାର୍ଥ ବିଜ୍ଞାନରେ ଅଧାପିକା ହେବ, ହେଲେ ଏମ୍‌ସିଏ କରିବା ପାଇଁ ମନ କରି ସେଥିପାଇଁ ଦିନକୁ ୭ରୁ ୮ଘଣ୍ଟା ପରିଶ୍ରମ କରୁଥିଲେ ସ୍ମିତାରାଣୀ।



ମା'ବାପାଙ୍କ ସହ ସ୍ମିତାରାଣୀ।

ଓଜେଇଇ ପରୀକ୍ଷାରେ କୃତିତ୍ୱ ଲାଭ କରିବା ପରେ ସ୍ମିତାରାଣୀଙ୍କ ପରିବାର ଲୋକେ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଛନ୍ତି। ଶିବପ୍ରସାଦ କହିଛନ୍ତି, ପିଲାଦିନୁ ପାଠପଢ଼ା ପ୍ରତି ସ୍ମିତାର ଖୁବ୍ ଆଗ୍ରହ ଥିଲା। ସେ ଏମ୍‌ସିଏ ପଢ଼ିବ ବୋଲି କଠିନ ପରିଶ୍ରମ ମଧ କରିଥିଲା। ତା'ର ଦୃଢ଼ ଇଚ୍ଛାଶକ୍ତି, ଗୁରୁଜନଙ୍କ ଆଶୀର୍ବାଦ ଯୋଗୁ ସେ ଏହି ସଫଳତା ପାଇଛି ବୋଲି ତାଙ୍କ ବାପା କହିଛନ୍ତି। ପାଠପଢ଼ା ସହ ପେଣ୍ଟିଂ, ନାଚ, ଗୀତ ଆଦିରେ ତାଙ୍କର ବେଶ୍ ରୁଚି ରହିଛି। ଓଡ଼ିଶୀ ନୃତ୍ୟରେ ସଫଳତା ଅର୍ଜନ କିବା ସହ ୨୦୧୧ରେ ସେ ନବମ ଶ୍ରେଣୀରେ ପଢୁଥିବା ସେ ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ସ୍ମିତାରାଣୀଙ୍କ ସଫଳତା ସମ୍ପର୍କରେ ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ସ୍ଥାନୀୟ ଅଞ୍ଚଳର ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଗିରିବନ୍ଧ ନାଟକ ମହୋତ୍ସବ ଉଦ୍‌ଯାପିତ

**ଆଳି, ୧୯।୬ (ଡି.ଏନ୍.ଏ)**

ଆଳି ବ୍ଲକ ଦେମାଳ ପଞ୍ଚାୟତର ମା' ଲକ୍ଷ୍ମୀନାରାୟଣ ଡ୍ରାମାଟିକ କ୍ଲବ ପକ୍ଷରୁ ଗିରିବନ୍ଧ ଗ୍ରାମସ୍ଥିତ ହନୁମାନ ମନ୍ଦିର ନିକଟରେ ରଜ ଉପଲକ୍ଷେ ଦୁଇ ଦିନ ଧରି ଚାଲିଥିବା ନାଟକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ 'ଦ୍ରୌପଦୀ ଲେଖୁଛି ମହାଭାରତ' ଓ ଦ୍ୱିତୀୟ ଦିବସରେ 'ନାଲୁ ଭାଇଙ୍କ ନାଲି ଗାମୁଛା' ମଞ୍ଚସ୍ଥ ହୋଇଥିଲା। ମହୋତ୍ସବ ପ୍ରଥମ ଦିବସରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ ଅତିଥି ଭାବେ ଉତ୍ସବ ଉଦଘାଟନ କରିଥିଲେ। ଏଥିସହିତ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାକୁ ମନେପକାଇ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରିଥବବାରୁ ଗ୍ରାମର ଯୁବକମାନଙ୍କୁ ଅତିଥି ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ଆଳି ଆଇଆଇସି ସଲିଲ ପ୍ରଧାନ, ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ନାୟକ, ପ୍ରଦ୍ୟୁମ୍ନ ଦାଶ, ଚିରଞ୍ଜିବି ଦାସ, ଦେମାଳ ସରପଞ୍ଚ ମନୋରଞ୍ଜନ ସାମଲ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ କଳାକାର ଶ୍ରୀଧର ପାତ୍ର ଓ କାଙ୍ଗାଳୀ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିକ୍ଷୀତ ପରିଡା, ବିଷ୍ଣୁ ପାତ୍ର, ବିକ୍ରମ ସାମଲ, ଚନ୍ଦନ ପାତ୍ର, ସରୋଜ ବେହେରା, ମେଘୁ ସାମଲ, ସୁର୍ଯ୍ୟକାନ୍ତ ବେହେରା, ସବ୍ୟସାଚୀ ବେହେରା, ଦୀପକ ସାମଲ, ଦୁର୍ଗାଚରଣ ସାମଲ, ଦେବାଶିଷ ସାମଲ, ପ୍ରକାଶ ବେହେରା, ବିଭୁତି ବେହେରା, ବିକ୍ରାନ୍ତ ପାତ୍ର, ଆର୍ତ୍ତ ବେହେରା, ଅଜିତ ମଲିକ ପ୍ରମୁଖ ନାଟକ ପରିବେଷଣ କରିଥିଲେ। ପ୍ରଶାନ୍ତ ସାମଲ, ଅଜାମ୍ବର ରାଉତ, ମନୋଜ ବେହେରା, ପୀତାମ୍ବର ବେହେରା, ପ୍ରବୀର ସାମଲ, ରାକେଶ ସାମଲ, ପ୍ରଭାତ ରାଉତ, ପ୍ରଫୁଲ୍ଲ ସାମଲ, ପ୍ରଶାନ୍ତ ବେହେରା, ଶରତ ରାଉତ, ସତ୍ୟବ୍ରତ ପାତ୍ର ପ୍ରମୁଖ ମହୋତ୍ସବ ପରିଚାଳନା କରିଥିଲେ।




F.M.AUTONOMOUS COLLEGE, BALASORE

**WALK-IN-INTERVIEW**

No......... Date...........

A walk-in interview for the engagement of guest faculties on temporary basis for a maximum of one academic session (9 months) will be conducted at 11.00 A.M on 26 & 27 June 2019 in the subjects of Anthropology, Botany, BBA (SFC), Computer Science, Chemistry, English, Education, Economics, Environment Science, Geology, Geography, Hindi, History, Mathematics, Odia, Physics, Psychology, Philosophy, Political Science, Sociology, Statistics, Sanskrit, Urdu & Zoology. For details visit College Website www.fmcollege.nic.in

Sd./-
Principal



**ପୂର୍ବ ତଟ ରେଳପଥ**

**ଚାକିରୀରୁ ବାଧ୍ୟତାମୂଳକ କର୍ମ ନିବୃତ୍ତି ପ୍ରଦାନ ସମ୍ବନ୍ଧୀୟ ବିଜ୍ଞପ୍ତି**

ଶ୍ରୀ ବୀର କିଶୋର ପ୍ରଧାନ, ପିତା : ସ୍ୱର୍ଗତ ନାରାୟଣ ପ୍ରଧାନ, ଗ୍ରାମ : ହାଟବଜାର, ପୋ/ଥାନା : ଜଟଣୀ, ଜିଲ୍ଲା : ଖୋର୍ଦ୍ଧା, ରାଜ୍ୟ : ଓଡ଼ିଶା, ଯିଏ ଷ୍ଟେସନ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଲପଙ୍ଗା ଅଧୀନରେ ବରିଷ୍ଠ ବାଣିଜ୍ୟ କିରାଣୀ ରୂପେ କାର୍ଯ୍ୟ କରୁଥିଲେ, ତାଙ୍କୁ ରେଳବାଇ ସେବା ଆଚରଣ ନିୟମର ଉଲ୍ଲଂଘନ ନିମନ୍ତେ D&A (ଅନୁଶାସନ ଏବଂ ଅଭିଯୋଗ) ନିୟମ-1968 ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ରୂପେ ଏବଂ ଚାର୍ଜ ମେମୋ ସଂ.C/SBP/D&A/BKP/Sr.CC/18, ତା.31.07.2018ରିଖ ଅନୁଯାୟୀ ବୈଧାନିକ ପ୍ରକ୍ରିୟା ପରେ ତାଙ୍କ ବିପକ୍ଷରେ ଅଣାଯାଇଥିବା ଅଭିଯୋଗ ସତ୍ୟ ବୋଲି ଜାଣିବା ପରେ ତାଙ୍କୁ ରେଳବାଇ ଚାକିରୀରୁ ବାଧ୍ୟତାମୂଳକ ଭାବେ କର୍ମ ନିବୃତ୍ତି ଦିଆଯାଇଛି।

ଏହି ପ୍ରସଙ୍ଗରେ, ବିଜ୍ଞପ୍ତି ସଂ.C/SBP/D&A/SF-5/BKP/Sr.CC/LPG/19, ତା.05.04.2019ରିଖ ମାଧ୍ୟମରେ ତାଙ୍କ କ୍ୱାର୍ଟର ଏବଂ କାର୍ଯ୍ୟକ୍ଷେତ୍ର ଠିକଣାରେ ବାଧ୍ୟତାମୂଳକ କର୍ମ ନିବୃତ୍ତି ସମ୍ବନ୍ଧରେ ପୂର୍ବରୁ ସୂଚନା ପଠାଯାଇଅଛି। ଏହି ବିଜ୍ଞପ୍ତି ତା.09.04.2019ରିଖରେ ତାଙ୍କ କ୍ୱାର୍ଟର ଠିକଣାରେ ବିତରଣ କରାଯାଇଛି।

ଉପରୋକ୍ତ ସୂଚନାକୁ ପୁନଃ ଖବରକାଗଜ ମାଧ୍ୟମରେ ସୂଚିତ କରିଦିଆଯାଉଛି, ଯଦ୍ୱାରା ଉକ୍ତ ପୂର୍ବତନ କର୍ମଚାରୀ ଏବଂ ତାଙ୍କ ପରିବାର ବର୍ଗ ଅବଗତ ହୋଇପାରିବେ।

PR-165/K/19-20

ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ସମ୍ବଲପୁର


# ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ୍

**ରାଜକନିକା, ୧୯।୬ (ଡି.ଏନ୍.ଏ.)**

ରାଜକନିକା ବ୍ଲକ ଅଧୀନ ସାନହଲୁପଡ଼ା ବହୁମୁଖି ବାତ୍ୟା ଆଶ୍ରୟସ୍ଥଳୀରେ ବୁଧବାର ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ପଧାନପଡା ପଞ୍ଚାୟତ ପ୍ରାକ୍ତନ ସରପଞ୍ଚ ପ୍ରଶାନ୍ତ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ପ୍ରକୃତିକ ବିପର୍ଯ୍ୟୟ ସମୟରେ କିଭଳି ନିଜକୁ ରକ୍ଷା କରିବା ସହ ଅନ୍ୟମାନଙ୍କୁ ସହଯୋଗ କରିବ ସେ ଦିଗରେ ପ୍ରଶିକ୍ଷଣ ଦିଆଯାଇଥିଲା। ସଭାରେ ଜୁନିୟର ରେଡକ୍ରସର କେନ୍ଦ୍ରାପଡା ଜିଲା ସାଧନକର୍ମୀ ନିରଞ୍ଜନ ବେହେରା ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ସାନହଲୁପଡା ବହୁମୁଖୀ ଆଶ୍ରୟସ୍ଥଳୀ ସମ୍ପାଦକ ବିଜୟ ନାୟକଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଜିପିଟିଏ ବିପିନି ବିହାରୀ ଦାସ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସର୍ବେଶ୍ୱର ବରାଳ ଓ ଖବରଦାତା ଶିବରାମ ଦାସ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା ଦିଗରେ ଆଲୋଚନା କରିବା ସହ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରମୋଦ ଦାସ, ଅନିରୁଦ୍ଧ ନାୟକ, ପ୍ରତାପ ନାୟକ, ସନାତନ ଦାସ ଓ ନିରାକାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କରାଣ୍ଡିଆ ନଦୀର ସଠିଲୋ-କୁଳସାହି ସେତୁ ନିର୍ମାଣ ଦାବି

**କେନ୍ଦ୍ରାପଡ଼ା ଅଫିସ୍, ୧୯।୬**

ଲୁଣା-କରାଣ୍ଡିଆ ତ୍ରିକୋଣଭୂମି ଉନ୍ନୟନ ପରିଷଦ ପକ୍ଷରୁ କରାଣ୍ଡିଆ ନଦୀର ସଠିଲୋ କୂଳସାହି ସେତୁ ନିର୍ମାଣ ପାଇଁ ଜିଲାପାଳଙ୍କୁ ଏକ ଦାବିପତ୍ର ମଙ୍ଗଳବାର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି, ଲୁଣା-କରାଣ୍ଡିଆ ଦ୍ୱିପାଞ୍ଚଳର ପ୍ରଗତି ଓ ସୁରକ୍ଷା ପାଇଁ କରାଣ୍ଡିଆର ଉପ୍ତତ୍ତିସ୍ଥଳ କୂଳସାହିଠାରେ ଏକ ଆନିକଟ ସହ ସେତୁର ଆବଶ୍ୟକ ଅଛି। ଏହି ପ୍ରକଳ୍ପଟି କାର୍ଯ୍ୟକାରୀ ହେଲେ ବନ୍ୟା ସମୟରେ ସମ ଅନୁପାତରେ ଜଳ ଉଭୟ କରାଣ୍ଡିଆ ଓ ଲୁଣାନଦୀରେ ପ୍ରବାହିତ ହେବ। ଏଥିସହ ଗମନାଗମନର ସୁବିଧା, କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ ଓ କରାଣ୍ଡିଆ ନଦୀରେ ମଧୁର ମାଛ ଚାଷ କରାଯାଇ ପାରିବ। କୂଳସାହିଠାରେ ନଦୀର ଓସାର କମ ଓ ରାସ୍ତା ନିର୍ମାଣ ନିମନ୍ତେ ସରକାରୀ ଜମି ରହିଥିବାରୁ କମ ବ୍ୟୟ ଅଟକଳରେ ଏହା ହୋଇପାରିବ। ଏହାଦ୍ୱାରା ଦ୍ୱିପାଞ୍ଚଳର ପାଞ୍ଚଟି ପଞ୍ଚାୟତ ସହ ଅନ୍ୟପାର୍ଶ୍ୱରେ ଥିବା ୧୫ ପଞ୍ଚାୟତବାସୀ ସଦର ମହକୁମାକୁ ଅଳ୍ପ ସମୟରେ ଓ ସହଜରେ ପହଞ୍ଚି ପାରିବେ। ସେହିପରି ଦ୍ୱିପାଞ୍ଚଳ ଚାଷୀଙ୍କ ଏକମାତ୍ର ଆୟପନ୍ଥା କୃଷିଜାତ ପଦାର୍ଥକୁ ଚାଷୀମାନେ ନିକଟସ୍ଥ ଚାନ୍ଦୋଳ, ଚଉଁପୁର, କେନ୍ଦ୍ରାପଡ଼ା, ତରତ ହାଟରେ ବିକ୍ରି କରିପାରିବେ। ଏହି ସେତୁ ନିର୍ମାଣ ପରେ ଡଙ୍ଗାକୁ ନିର୍ଭର କରୁଥିବା ଛାତ୍ରୀଛାତ୍ରମାନେ ସହଜରେ ଶିକ୍ଷା ଗ୍ରହଣ କରିପାରିବେ ବୋଲି ସଦସ୍ୟମାନେ ପ୍ରକାଶ କରିଛନ୍ତି।






## ମନେ ପଡ଼ନ୍ତି


**୨୦ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଦେବ ଦାଶ**
୨୦୨୫ ମହତାବ ରୋଡ, ପୁରୁଣା ଭୁବନେଶ୍ୱର-୨
ଆବିର୍ଭାବ: ୦୫।୦୯।୧୯୭୦
ତିରୋଧାନ: ୦୨।୦୭।୧୯୯୯

୨୦ ତମ ଶ୍ରାଦ୍ଧବାର୍ଷିକ ଦିବସ ଅବସରରେ ତୁମର ଅମ୍ଳାନ ଆତ୍ମା ବିଭୁପାଦତଳେ ଚିର ଶାନ୍ତି ଲାଭ କରୁ, ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବାବା ଲିଙ୍ଗରାଜଙ୍କ ନିକଟରେ ବିନୀତ ପ୍ରାର୍ଥନା।

**ଶୋକସନ୍ତପ୍ତ:** ହତଭାଗା ଭାଇ, ଭାଇବୋହୂ, ମା', ଆତ୍ମୀୟ ସ୍ୱଜନ, ପରିବାର ଓ ବନ୍ଧୁବର୍ଗ।

ଧ-୧୩୦୩୮

**ଏକାଦଶାହ ଉପଲକ୍ଷେ**



**ଦିବଂଗତ ଅବସରପ୍ରାପ୍ତ ଇଞ୍ଜିନିୟର ନବକିଶୋର ସାହୁ**
ମାଂସଡ଼ା (ବାଲିସାହି), ବିଞ୍ଝାରପୁର, ଯାଜପୁର
ଆବିର୍ଭାବ: 28.03.1933
ତିରୋଧାନ: 10.06.2019

ଯାହା ହାତଧରି ଚାଲିବା ଶିଖିଲୁ ସେ ଯେ ଦିନେ ପଞ୍ଚ ମହାଭୂତରେ ଲୀନ ହୋଇଯିବେ, ଏହା ସତ୍ୟ ଜାଣି ସୁଦ୍ଧା ବିଶ୍ୱାସ କରି ନ ଥିଲୁ। ହଠାତ୍ ତୁମ ଅନୁପସ୍ଥିତିକୁ ଆମେମାନେ ସହ୍ୟ କରିପାରୁନୁ। ତୁମ ଆଶୀର୍ବାଦର ଶକ୍ତିରେ ହିଁ ଆମେ ଅବଶିଷ୍ଟ ଜୀବନ କାଟିବୁ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ କୋଟି କୋଟି ପ୍ରଣାମ।

**ଶୋକସନ୍ତପ୍ତ:** ସ୍ତ୍ରୀ, ପୁଅଝିଅ-ବାବୁଲି, ବେବି, ଲିଲି, ଝୁନୁ, ବୁଲୁ, ବୋହୂ, ନାତିନାତୁଣୀ, ବନ୍ଧୁ ଏବଂ ପରିବାରବର୍ଗ।

ଧ-୧୩୦୪୨

**୧୨ତମ ଶ୍ରାଦ୍ଧବାର୍ଷିକ**



**ବିମଳ ପ୍ରସାଦ ପଟ୍ଟନାୟକ**
ଆବିର୍ଭାବ : ୦୨.୦୬.୧୯୩୫
ତିରୋଧାନ : ୦୩.୦୭.୨୦୦୭
ଗ୍ରାମ- ଯାଆଁଳା, ଭୁବନେଶ୍ୱର

ସମୟ ସ୍ରୋତରେ ବାରବର୍ଷ ବିତିଗଲାଣି। ଆପଣଙ୍କର ବିୟୋଗ ଆମ ପାଇଁ ଅପୂରଣୀୟ କ୍ଷତି। ଆପଣଙ୍କର ସ୍ନେହ, ମମତା, ସାଧୁତା, କର୍ତ୍ତବ୍ୟନିଷ୍ଠା ଏବଂ ଆଧ୍ୟାତ୍ମିକ ଆଦର୍ଶର ଆଶୀର୍ବାଦ ଭିକ୍ଷା କରୁଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ :** ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁବାନ୍ଧବ ଓ ପରିବାର ବର୍ଗ।

ଧ-୧୩୦୩୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ସୁଲେଶ୍ୱର ସାହୁ**
ନି. କାନୁଟ, ବଲାଙ୍ଗୀର
ଆବିର୍ଭାବ: ୦୨।୦୯।୧୯୩୯
ତିରୋଧାନ: ୦୧।୦୭।୨୦୧୮
(ତିଥି: ଆଷାଢ଼ କୃଷ୍ଣ ତୃତୀୟା)

ତୁମର ଶରଧା ରହିଗଲା ଅଧା
ଛାଡ଼ି ଚାଲିଗଲ ବୋଲି
ପୁଅ, ବୋହୂ, ନାତି, ନାତୁଣୀ ଓ ପତ୍ନୀ
ଝୁରୁଛନ୍ତି ସଦା ଭାଳି
ସାହୁ ପରିବାର କରୁ ନମସ୍କାର
ଘେନ ଥାଇ ସ୍ୱର୍ଗ ଧାମ
ଆଶିଷ ଦିଅହେ ପରିବାର ଚାହେଁ
ଜୟ ହେଉ ସର୍ବକାମ।

**ଶୋକସନ୍ତପ୍ତ:** ଜୁଲି, ମିଲି, ସ୍ନିଗ୍ଧା ତଥା ସାହୁପରିବାର।

ଧ-୧୩୦୪୧



ପ୍ରିୟଜନଙ୍କଠାରୁ ବହୁକାଳ ଧରି ବିଚ୍ଛେଦ ହିଁ ମନୁଷ୍ୟକୁ ମୃତ୍ୟୁର ସ୍ୱାଦ ବିଷୟରେ ଧାରଣା ଦେଇଥାଏ।
- ବେନ୍ ଜନ୍‌ଶନ



## ସଂକ୍ଷେପରେ

### ନନ୍ଦନକାନନ କଳାଭବନ ପ୍ରତିଷ୍ଠାତାଙ୍କ ବିୟୋଗ



ରସୁଲପୁର,୧୯।୬ (ଡି.ଏନ୍.ଏ.): ରସୁଲପୁର ବ୍ଲକ ଖଣ୍ଡିତର ଗ୍ରାମର ନନ୍ଦନକାନନ କଳାଭବନର ପ୍ରତିଷ୍ଠାତା କିର୍ତ୍ତନ ଚନ୍ଦ୍ର ସାହୁଙ୍କ ବୁଧବାର ଅପରାହ୍ନ ସାଢେ ୨ଟା ସମୟରେ ତାଙ୍କ ବାସ ଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ସେ କୁଞ୍ଜ କଳାକାର ସମେତ ବହୁ ପ୍ରତିଷ୍ଠା ଓ ସମ୍ମାନର ଅଧିକାରୀ ହୋଇ ପାରିଥିଲେ। ସେ ଈଶ୍ୱର ଟକିଜର ପରିକଳ୍ପନା କରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ୩ ପୁଅ ଓ ୪ ଝିଅ, ନାତି ନାତୁଣୀ, ବୋହୂ, ଜ୍ୱାଇଁମାନେ ଉପସ୍ଥିତ ଥିଲେ।

### ଶଶୁର ବିରୋଧରେ ଅସଦାଚରଣ ଅଭିଯୋଗ

କଳିଙ୍ଗନଗର,୧୯।୬(ଡି.ଏନ୍.ଏ.): ଟମକା ଥାନା ଅଞ୍ଚଳର ଜଣେ ମହିଳା ତାଙ୍କ ବଡ଼ ଶଶୁରଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୪୮/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ବୁଧବାର ପୋଲିସ ବଡ଼ ଶଶୁର କାଳେଇ ହଙ୍ଗା(୫୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସଂଘମିତ୍ରା ନାୟକ କହିଛି। ପ୍ରକାଶ ଯେ, ଗତ ୧୬ତାରିଖ ବିଳମ୍ବିତ ରାତିରେ ବଡ଼ ଶଶୁର କାଳେଇ ପୁତୁରା ଘରେ ଅନୁପସ୍ଥିତ ଥିବାର ସୁଯୋଗ ନେଇ ପୁତୁରା ବହୁକୁ ଅସଦାଚରଣ କରିଥିଲେ। ଏନେଇ ଗ୍ରାମ ସଭା ବସିଥିଲେ ମଧ ସେଠାରେ ସମାଧାନ ହେଇ ନ ଥିଲା। ତେଣୁ ବାଧ ହୋଇ ପୀଡିତା ଟମକାଥାନର ଦ୍ୱାରସ୍ଥ ହୋଇଥିଲେ।

### କାର୍, ବାଇକ୍ ଦୁର୍ଘଟଣା: ବାଇକ୍ ଆରୋହୀ ଗୁରୁତର

ଧର୍ମଶାଳା,୧୯।୬(ଡି.ଏନ୍.ଏ.): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥ ସାରୋଇ ଛକ ନିକଟରେ ବୁଧବାର କାର୍ ଓ ବାଇକ ଧକ୍କାରେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ଜେନାପୁର ଥାନା ଅନ୍ତର୍ଗତ ଏରସଣ୍ଡା ଗ୍ରାମର ଜଟେଶ୍ୱର ମଲିକ(୭୦)। ସେ ବାଇକ୍‌ରେ ଅପରାହ୍ନ ୪ଟା ସମୟରେ ଘରକୁ ଫେରୁଥିବା ବେଳେ କାର୍‌କୁ ପଛପଟୁ ଧକ୍କାଦେଇ ଛିଟିକି ପଡିଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ବ୍ରାଉନ୍‌ସୁଗାର କବଳରେ ଉପକୂଳବର୍ତ୍ତୀ ଜିଲା

# ବଢୁଛି କାରବାର, ଧରାପଡୁନାହାନ୍ତି ମାଷ୍ଟରମାଇଣ୍ଡ

### ପୋଲିସ, ଅବକାରୀ ବିଭାଗ ନିଷ୍କ୍ରିୟ

ଯାଜପୁର ଅଫିସ,୧୯।୬

ରାଜ୍ୟର ଯାଜପୁର ସମେତ ଉପକୂଳବର୍ତ୍ତୀ ଜିଲାର ପ୍ରମୁଖ ସହରଗୁଡ଼ିକରେ ଧଳା ଜହର ଭାବେ ପରିଚିତ ବ୍ରାଉନସୁଗାର କାରବାର କାୟା ବିସ୍ତାର କରିବାରେ ଲାଗିଛି। ଏଥିରେ ସମ୍ପୃକ୍ତ କେତେକ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲେ ହେଁ କାରବାରର ମାଷ୍ଟରମାଇଣ୍ଡଙ୍କୁ ଗିରଫ କରିବାରେ ପୋଲିସ ବିଫଳ ହୋଇଛି। ଫଳରେ ଦିନକୁ ଦିନ ଏହି କାରବାର ବ୍ୟାପକ ହେବା ସହ ଯୁବଗୋଷ୍ଠୀଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଠେଲି ହୋଇଯାଉଛି। ଶିଳ୍ପାଞ୍ଚଳ କଳିଙ୍ଗନଗର ଓ ଯାଜପୁରରୋଡଠାରୁ ଏବେ ଯାଜପୁର ସହରକୁ ମଧ୍ୟ ଏହି କାରବାର ଲମ୍ବିବାରେ ଲାଗିଛି। ପଶ୍ଚିମବଙ୍ଗ ରାଜ୍ୟର କେତେକ ବ୍ୟବସାୟୀ ଓଡ଼ିଶାର ଅନେକ ପ୍ରଭାବଶାଳୀ ଲୋକଙ୍କୁ ହାତ କରି ଏହି ବ୍ୟବସାୟ ଚଳାଇଥିବା ସୂଚନା ମିଳିଛି। ଗତ ୨ ବର୍ଷ ହେଲା ଏହି କାରବାର ବିଶେଷଭାବେ ବଢିଥିବାବେଳେ ବେଳହୁଁ ଏହାକୁ ନିୟନ୍ତ୍ରଣ କରା ନ ଗଲେ ସାରାରାଜ୍ୟର ବିଭିନ୍ନ ସହରକୁ ଏହା ବ୍ୟାପିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ମତପ୍ରକାଶ ପାଉଛି। ସହରର ବିଭିନ୍ନ ଝୁମ୍ପୁଡି ଅଞ୍ଚଳ ସମେତ ରେଲୱେ ଷ୍ଟେଶନରେ ଏହି କାରବାର ଜୋରସୋରରେ ଚାଲିଥିବା ଚର୍ଚ୍ଚା ହେଉଛି।

ଯାଜପୁର-କେନ୍ଦୁଝରରୋଡ ରେଳଷ୍ଟେଶନ, ଶଙ୍ଖଚିଲା, ଝାଟିଆସାହି, ତରାପୁର ଅଞ୍ଚଳର କେତେକ ଯୁବକ ବ୍ରାଉନସୁଗାର କାରବାରକୁ ବ୍ୟବସାୟ ଭାବେ ଗ୍ରହଣ କରି ନେଇଛନ୍ତି। ବାଇକ୍ ଓ ଟ୍ରେନ୍ ଯୋଗେ ବାଲେଶ୍ୱର ଅଞ୍ଚଳରୁ ବ୍ରାଉନସୁଗାର ଛୋଟ ଛୋଟ ପ୍ୟାକେଟରେ ଆଣି ଗ୍ରାହକଙ୍କୁ ଯୋଗାଇ ଆସୁଛନ୍ତି। ବାଲେଶ୍ୱରରେ ରହୁଥିବା ଜଣେ ମାଷ୍ଟରମାଇଣ୍ଡଙ୍କ ଜରିଆରେ ଏହି କାରବାର ହେଉଥିବା କୁହାଯାଉଛି। ଉକ୍ତ ମାଷ୍ଟରମାଇଣ୍ଡ ଜଣକ କେତେକ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ହାତକରି ଅନାୟସରେ ଏହି କାରବାର ଚଳାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଗତ ୧୭ତାରିଖରେ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ମଡେଲ ଥାନା ପୋଲିସ ପ୍ରାୟ ଦେଢ଼ କୋଟି ଟଙ୍କାର ବ୍ରାଉନସୁଗାର ଜବତ କରିଥିଲା। ଏହି କାରବାରରେ ପୋଲିସ ୪ ଜଣଙ୍କୁ ଗିରଫ କରିଥିବାବେଳେ ଏଥିରେ ବ୍ୟବହୃତ ଏକ କାର୍‌କୁ ମଧ୍ୟ ଜବତ କରିଥିଲା। କିନ୍ତୁ ଏହି କାରବାର ଚଳାଉଥିବା ମାଷ୍ଟରମାଇଣ୍ଡ ପାଖକୁ ଯିବାକୁ ପୋଲିସ ଏଯାଏ ସାହାସ ଜୁଟାଇ ପାରି ନାହିଁ। ସେହିପରି ମଙ୍ଗଳବାର ଜଗତସିଂହପୁର ଜିଲା ପୋଲିସ ଜଗତସିଂପୁର ସହରର ଗାନ୍ଧୀଛକ ନିକଟରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିବା ସହିତ ୪.୭୩ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏଥିପୂର୍ବରୁ ଗତ ଏପ୍ରିଲ ମାସ ୧୯ ତାରିଖରେ ଯାଜପୁରରୋଡ ପୋଲିସ ଏନ୍‌ସି ହାଇସ୍କୁଲ ପଡ଼ିଆ ନିକଟରେ ରହୁଥିବା ଝୁମ୍ପୁଡି ବସ୍ତି ଉପରେ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ୧୨୯ଟି ବ୍ରାଉନସୁଗାର ପୁଡ଼ିଆ ଜବତ କରିବା ସହିତ ୪ଜଣଙ୍କୁ ଗିରଫ କରିଥିଲା। ଏଥିରେ ଜଣେ ମହିଳା ଅଭିଯୁକ୍ତ ମଧ୍ୟ ସାମିଲ ହୋଇଥିଲେ। ସେହିପରି ନିକଟରେ ଭଦ୍ରକ ସହରରୁ ପୋଲିସ ବ୍ରାଉନ୍‌ସୁଗାର ଜବତ କରିଥିବା ସୂଚନା ରହିଛି। ତେବେ କାରବାରରେ ସମ୍ପୃକ୍ତ ଯେଉଁମାନଙ୍କୁ ଗିରଫ କରାଯାଉଛି ସେମାନଙ୍କୁ ତୁରନ୍ତ ଜେଲ୍ ହାଜତକୁ ପଠାଇ ଦିଆଯାଉଛି। ପରବର୍ତ୍ତି ସମୟରେ ଗିରଫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ବ୍ରାଉନସୁଗାର କାରବାରର ପେଣ୍ଟସ୍ଥଳୀ ଏବଂ ମାଷ୍ଟରମାଇଣ୍ଡ ପାଖକୁ ପହଞ୍ଚିବାକୁ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଫଳରେ ବ୍ୟବସାୟ ଚଳାଇଥିବା ବ୍ୟକ୍ତିଙ୍କ ସାହସ ଅଧିକ ବୃଦ୍ଧି ପାଇବା ସହିତ କାରବାରକୁ ଅଧିକ ବ୍ୟାପକ କରିବାରେ ସେ ଉତ୍ସାହିତ ହେଉଛନ୍ତି। ସମ୍ପ୍ରତି ବାଲେଶ୍ୱର, ଭଦ୍ରକ, ଯାଜପୁରରୋଡ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଭଳି ଉପକୂଳବର୍ତ୍ତୀ ଜିଲାରେ ଏହି କାରବାର ବ୍ୟାପକ ହେବାରେ ଲାଗିଛି। ଅବକାରୀ ବିଭାଗ ଓ ପୋଲିସ ତୁରନ୍ତ ଏଥିପ୍ରତି ଅଧିକ ତଦନ୍ତ କରି ଏହି ସାଂଘାତିକ କାରବାରକୁ ନିଶ୍ଚିହ୍ନ କରିବାକୁ ସାଧାରଣରେ ଦାବି ହେଉଛି। ଏନେଇ ଯାଜପୁର ଅତିରିକ୍ତ ଏସ୍‌ପି ଅକ୍ଷୟ କୁମାର ଦାସଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ବ୍ରାଉନସୁଗାର କାରବାରକୁ ରୋକିବାକୁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ହେଉଛି। ଏପରି କି କିଛି ସ୍ଥାନରୁ ବ୍ରାଉନସୁଗାର ଜବତ ମଧ୍ୟ କରାଯାଉଛି। ବାଲେଶ୍ୱରରୁ ବ୍ରାଉନସୁଗାର ଯାଜପୁରକୁ ଚାଲାଣ ହେଉଥିବା କଥାକୁ ସ୍ୱୀକାର କରିବା ସହ ଏହାକୁ ରୋକିବାକୁ ସ୍ୱତନ୍ତ୍ର ସ୍କ୍ୱାର୍ଡ ବିଭିନ୍ନ ସମୟରେ ଚଢ଼ାଉ କରୁଛି ବୋଲି ଦାସ କହିଛନ୍ତି।

## ସ୍ମୃତି ରୋମନ୍ଥନ କଲେ ଛାତ୍ରୀଛାତ୍ର

ବିଞ୍ଝାରପୁର,୧୯।୬(ଡି.ଏନ୍.ଏ.)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସୟଦପୁରସ୍ଥିତ ବ୍ରଜସୁନ୍ଦର ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ୧୯୮୬ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବାର୍ଷିକ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ପ୍ରମୋଦ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଗୁରୁବନ୍ଦନା କାରାଯିବା ପରେ ପ୍ରତିଭା ପୂଜା ସ୍ୱରୂପ ପୁରାତନ ଶିକ୍ଷକ ପ୍ରଫୁଲ୍ଲ କୁମାର ପଣ୍ଡା, ସୁବାସ ଚନ୍ଦ୍ର ସାହୁ, ଅଚ୍ୟୁତାନନ୍ଦ ମିଶ୍ର, ପ୍ରଫୁଲ ରାଏ, ସେକ୍ ମୁସ୍ତାକ ଅଲ୍ଲି, ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ମଧୁସୂଦନ ଧଳଙ୍କୁ ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ପୂର୍ବତନ ଛାତ୍ର ପ୍ରତାପ କୁମାର ପରିଡା ସ୍ୱାଗତ ଭାଷଣ ଦେଇଥିଲେ। ରମାକାନ୍ତ ବିନ୍ଧାଣୀ ଅତିଥି ପରିଚୟ ପ୍ରଦାନ, ବଳରାମ ସାହୁ ବାର୍ଷିକ ବିବରଣୀ ଏବଂ ସୁଶୀଳ କୁମାର ଧଳ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ରୀଛାତ୍ର ସୁଭଦ୍ରା ନାୟକ, ପ୍ରବୀର କୁମାର ବେହେରା, ପ୍ରମିଳା ବିଶ୍ୱାଳ, ରୁଦ୍ରଚରଣ ବେହୁରିଆ, ପ୍ରମିଳା ନାୟକ, ପ୍ରଭାସ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## ଯାଜପୁରରେ ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ୍



ନରସିଂହ ଚୌଧୁରୀ କଲେଜ ପରିସରରେ ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ୍ କରାଯାଉଛି।

ଯାଜପୁର ଅଫିସ,୧୯।୬

ଜିଲା ପ୍ରଶାସନ ପକ୍ଷରୁ ବୁଧବାର ନରସିଂହ ଚୌଧୁରୀ କଲେଜ ପରିସରରେ ଜିଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାପାଳ ରଞ୍ଜନ କୁମାର ଦାସ ମୁଖ୍ୟ ଅତିଥି, ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ଓ ତାର ନିରାକରଣ, ସହାୟତା, ମିଳିତ ସହଯୋଗ ଉପରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପରେ ପରେ ଅଗ୍ନିଶମ ବିଭାଗର କର୍ମଚାରୀ ବିପର୍ଯ୍ୟୟରୁ ରକ୍ଷା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡ୍ଡୁ, ଜିଲା ପ୍ରକଳ୍ପ ଅଧିକାରୀ ଫକିର ମଲ୍ଲିକ, ନରସିଂହ ଚୌଧୁରୀ କଲେଜର ଅଧ୍ୟକ୍ଷ ଫକୀର ମୋହନ ମଲ୍ଲିକ, ଜିଲା ସମାଜ କଲ୍ୟାଣ ଅଧିକାରୀ ମୁନା ରଥ, ଅଗ୍ନିଶମ ସେବା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ମାରାଣ୍ଡି, ସହକାରୀ ଜିଲାପାଳ ତରଣୀସେନ ପଟ୍ଟନାୟକ, ଜିଲା ଜରୁରୀ ଅଧିକାରୀ ଉମେଶ ଚନ୍ଦ୍ର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଜରୁରୀ ବିଭାଗର କର୍ମଚାରୀ ଅରୁଣ କୁମାର ସାହୁ, ସୁପ୍ରିୟ କୁମାର ପଣ୍ଡା, ତରୁଣ କୁମାର ପଣ୍ଡା, ଶୁଭାଶିଷ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ରସୁଲପୁର ବ୍ଲକ ଲକ୍ଷ୍ମୀନଗର ବାତ୍ୟା ଆଶୟସ୍ଥଳୀରେ ରସୁଲପୁର ଅଗ୍ନିଶମ ଅଧିକାରୀ ସଦାଶିବ ସେଠୀଙ୍କ ନେତୃତ୍ୱରେ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଛି। ଏହି ଅବସରରେ ତହସିଲଦାର ଜ୍ୟୋତିରଞ୍ଜନ ଭୂଜବଳ, ସରପଞ୍ଚ ମୀନତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସିଆରସିଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା,୧୯।୬(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକର ନବ ନିଯୁକ୍ତି ପାଇଥିବା ସିଆର୍‌ସିଙ୍କୁ ଜାରକାସ୍ଥିତ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ବିଇଓ ପ୍ରଫୁଲ୍ଲ କୁମାର ବେହେରା ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହ ଭବିଷ୍ୟତ କାର୍ଯ୍ୟଧାରା କୁସୁମିତ ହେବା ନେଇ ଶୁଭେଚ୍ଛା ଜଣାଇଥିଲେ। ବିଆରସିସି ଅକ୍ଷୟ କୁମାର ବିଶ୍ୱାଳ ଓ ଏମ୍‌ଆଇଏସ୍ ଆଶିଷ ରଞ୍ଜନ ବିଶ୍ୱାଳଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ନୂତନ ଭାବରେ ନିଯୁକ୍ତି ପାଇଥିବା ସିଆରସିସି ଶିଶିର କୁମାର ପାଣିଗ୍ରାହୀ, ନଳିନୀକାନ୍ତ ମାହାଣା, ସୁଧୀର କୁମାର କର, ବ୍ରଜ କିଶୋର ପଣ୍ଡା, ରମେଶ ଚନ୍ଦ୍ର ଜେନା, ବୀରକିଶୋର ସେନାପତି, ବନମାଳୀ ମହାରଣା, ଗୁରୁଚରଣ ରାଉତ, ଗଣେଶ୍ୱର ବେହେରା, ନିଖିଳ ନାରାୟଣ ଦେ, ପ୍ରକାଶ କୁମାର ନାୟକ, ସଦାନନ୍ଦ ବେହେରା, ଦେବେନ୍ଦ୍ର ସାମନ୍ତ, ପ୍ରସନ୍ନ କୁମାର ରାୟ, ସୁଶାନ୍ତ କୁମାର ଦଳାଇ, ଚିନ୍ମୟ ଦାସ, ପ୍ରଦୀପ୍ତ ମହାରଣା, ବିଦ୍ୟାଧର ବେହେରା ପ୍ରମୁଖ ୧୯ ଜଣ ସିଆରସିସି ଯୋଗଦେଇ ସମ୍ବର୍ଦ୍ଧନା ଗ୍ରହଣ କରିବା ସହ ଆଗାମୀ ଦିନରେ ନିଜ ନିଜର କର୍ତ୍ତବ୍ୟ ସୁଚାରୁ ରୂପେ ପାଳନ କରିବେ ପ୍ରତିଶ୍ରୁତି ଦେଇଥିଲେ।

## ଖରସ୍ରୋତା ନଦୀ ବନ୍ଧରୁ ପଥର ଲୁଟ୍ ଘଟଣା

# ତଦନ୍ତ କରି ଫେରିଲେ ଜଳ ସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ

ବିଞ୍ଝାରପୁର,୧୯।୬(ଡି,ଏନ୍.ଏ.)




ଖରସ୍ରୋତା ନଦୀ ଘଣ୍ଟିଆଳି ସଂଲଗ୍ନ ବନ୍ଧରୁ ପଥର ଲୁଟ୍ ଘଟଣାରେ ବୁଧବାର ଜଳ ସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ନବୀନ କିଶୋର ପାଣିଗ୍ରାହୀ ଘଟଣାସ୍ଥଳ ତଦନ୍ତକରି ଫେରିଛନ୍ତି। ଖୁବ୍‌ଶୀଘ୍ର ଏ ସମ୍ବନ୍ଧୀୟ ରିପୋର୍ଟ ବିଭାଗକୁ ହସ୍ତାନ୍ତର କରିବେ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ମଙ୍ଗଳବାର ପୂର୍ବାହ୍ନରେ କେତେଜଣ ଦୁର୍ବୃତ୍ତ ଘଣ୍ଟିଆଳି ସଂଲଗ୍ନ ପଥରବନ୍ଧରୁ ଟ୍ରାକ୍ଟର ଯୋଗେ ପଥର ଲୁଟ୍ କରିଥିଲେ। ଏହି ସମୟରେ ସ୍ଥାନୀୟ ଗ୍ରାମବାସୀ ପହଞ୍ଚି ବିରୋଧ କରିବାରୁ ଦୁର୍ବୃତ୍ତମାନେ ଗାଡି ଛାଡି ପଳାଇଥିଲେ। ଘଟଣା ସମ୍ପର୍କରେ ଗ୍ରାମବାସୀ ଜଳସମ୍ପଦ ବିଭାଗ ନିକଟରେ ଅବଗତ କରିଥିଲେ। ତେବେ ଜଳସମ୍ପଦ ବିଭାଗ ପକ୍ଷରୁ ଘଣ୍ଟିଆଳି ସଂଲଗ୍ନ ଖରସ୍ରୋତା ବାମପାର୍ଶ୍ୱ ନଦୀବନ୍ଧର ସୁରକ୍ଷା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ପଥର ବନ୍ଧକୁ ଦୁର୍ବୃତ୍ତମାନେ ଲୁଟ୍ ଉଦ୍ୟମ କରିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଏ ନେଇ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ସତ୍ୟସାଗର ଭୂୟାଁଙ୍କୁ ପଚାରିବାରୁ ପଥରୁ ଲୁଟ୍ ଘଟଣାରେ ସମ୍ପୃକ୍ତି ଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ବରୀ ବ୍ଲକ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଲେ ଉପାଧ୍ୟକ୍ଷ

ବରୀ ୧୯।୬ (ସ୍ୱ.ପ୍ର): ବରୀ ବ୍ଲକ୍ ଅଧ୍ୟକ୍ଷ ପଦବୀ ଖାଲି ପଡ଼ିଥିଲା ବେଳେ ବୁଧବାର ବ୍ଲକ୍ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଭଞ୍ଜ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ମୁଖ୍ୟ କିରାଣୀ ବ୍ଲକ ରେଜିଷ୍ଟରରେ ଭଞ୍ଜଙ୍କ ଦସ୍ତଖତ କରିସାରିଲା ପରେ ଦାୟିତ୍ୱ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ପଦବୀ ଗ୍ରହଣ କରିବା ପରେ ଅଟକି ରହିଥିବା ସମସ୍ତ ଫାଇଲ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ଭଞ୍ଜ କହିଥିଲେ। ପ୍ରକାଶ ଥାଉକି ୨୦୧୯ ସାଧାରଣ ନିର୍ବାଚନରେ ବରୀ ବ୍ଲକ୍ ଅଧ୍ୟକ୍ଷା ସୁନନ୍ଦା ଦାସ ବରୀରୁ ବିଧାୟିକା ଭାବେ ନିର୍ବାଚିତ ହେଲାପରେ ଅଧ୍ୟକ୍ଷ ପଦବୀ ଖାଲି ପଡ଼ିଥିଲା। ପ୍ରଶାସନ ପକ୍ଷରୁ ସରକାରୀ ଭାବେ ସୂଚନା ଦିଆଯାଇ ଅଧ୍ୟକ୍ଷ ପଦବୀକୁ ପୂରଣ କରାଯାଇଛି। ଭଞ୍ଜ ପୂର୍ବରୁ ୨୦୦୭ରେ ଅରଙ୍ଗାବାଦ ସରପଞ୍ଚ ଓ ୨୦୧୭ରେ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇ ବରୀ ବ୍ଲକ ଉପାଧ୍ୟକ୍ଷ ପଦବୀରେ ଅବସ୍ଥାପିତ ହୋଇଥିଲେ।



ନୂତନ ଅଧ୍ୟକ୍ଷଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଉଛି।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ଯାଜପୁର ଅଫିସ,୧୯।୬: କୁଆଖିଆରୁ ବୁଧବାର ରାତିରେ ବାଇକ ଯୋଗେ ଘରକୁ ଫେରୁଥିବା ୨ଜଣ ଯୁବକ ଦୁର୍ଘଟଣାର ଶିକାର ହୋଇଛନ୍ତି। ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ସ୍ଥାନୀୟ ଲୋକ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ମୃତ ଓ ଆହତ ଯୁବକଙ୍କ ଘର କବାଟବନ୍ଧ ଅଞ୍ଚଳର ବୋଲି ଜଣାପଡ଼ିଥିଲେ ହେଁ ସେମାନଙ୍କ ନାମ ଜଣାପଡ଼ି ନାହିଁ। ମିଳିଥିବା ସୂଚନା ଅନୁସାରେ କବାଟବନ୍ଧ ଅଞ୍ଚଳର ୨ଜଣ ଯୁବକ କୁଆଖିଆରୁ ଏକ ବୁଲେଟରେ କୁଆଖିଆ-ଜେନାପୁର ରାସ୍ତାରେ ଘରକୁ ଫେରୁଥିଲେ। ରାତି ପ୍ରାୟ ସାଢ଼େ ୧୦ଟାରେ ଦୋଳମୁଣ୍ଡାଇ ଛକ ନିକଟରେ ଭାରସାମ୍ୟ ହରାଇ ବୁଲେଟଟି ରାସ୍ତା ପାର୍ଶ୍ୱରେ ବନ୍ଦ ଥିବା ଏକ ଜଳଖିଆ ଦୋକାନ ମଧ୍ୟକୁ ପଶି ଯାଇଥିଲା। ଏହାଦେଖି ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଖବର ଲେଖାହେବା ପର୍ଯ୍ୟନ୍ତ ଘଟଣାସ୍ଥଳରେ ପୋଲିସ ପହଞ୍ଚି ନ ଥିଲା।

## ଅବ୍ୟବସ୍ଥାରେ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ଡାକ୍ତରଙ୍କ ମନମୁଖି କାର୍ଯ୍ୟ, ସମସ୍ୟାରେ ରୋଗୀ

କୋରେଇ,୧୯।୬(ସ୍ୱ.ପ୍ର.)




- ୨ ଦିନ ଲେଖାଏ ଦାୟିତ୍ୱ ତୁଲାଉଛନ୍ତି ଚିକିତ୍ସକ
- ଅନ୍ୟ ଦିନଗୁଡ଼ିକ କାଗଜ କଲମରେ ଉପସ୍ଥିତ ରହୁଥିବା ଅଭିଯୋଗ

କୋରେଇ ବ୍ଲକ ୨୮ ପଞ୍ଚାୟତକୁ ନେଇ ଗଠିତ। ଏହି ପଞ୍ଚାୟତବାସୀ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ହେଲେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅଭାବ ଥିବାବେଳେ ଏବେ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ମିଶାଇ ୫ଜଣ ଚିକିତ୍ସକ ଅଛନ୍ତି। ମାତ୍ର ଡାକ୍ତରଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ରୋଗୀ। ସପ୍ତାହରେ ଡାକ୍ତରମାନେ ମାତ୍ର ୨ଦିନ ଡାକ୍ତରଖାନାକୁ ଆସି ଅନ୍ୟ ଦିନଗୁଡ଼ିକରେ ଅନୁପସ୍ଥିତ ରହୁଥିବା ଜଣାପଡ଼ିଛି। ଫଳରେ ଏହାର ପରିଣାମ ରୋଗୀଙ୍କୁ ଭୋଗିବାକୁ ପଡୁଛି।

ସରକାରଙ୍କ ନିୟମ ଅନୁଯାୟୀ, ଜଣେ ଚିକିତ୍ସକ ଗୋଟିଏ ଦିନରେ ୮ ଘଣ୍ଟା କାର୍ଯ୍ୟରେ ଯୋଗଦେବେ। ସେହି ଅନୁସାରେ ସକାଳ ୮ରୁ ୪, ଅପରାହ୍ନ ୪ରୁ ରାତି ୧୨ ଓ ରାତି ୧୨ରୁ ସକାଳ ୮ ଶିଫ୍ଟ ରହିଛି। ମାତ୍ର ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ସରକାରୀ ନିୟମ ଉଲ୍ଲଂଘନ କରାଯାଇଥିବା ପ୍ରମାଣ ମିଳିଛି। ଜଣେ ସୂଚନା ଅଧିକାର କର୍ମୀ ସୂଚନା ଅଧିକାର ଅଇନ ବଳରେ ସ୍ୱାସ୍ଥ୍ୟସେବାରେ ଅବହେଳା ଓ ଡାକ୍ତର ଅଭାବ ନେଇ ପ୍ରଶ୍ନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ନାଗରିକ ଜଣକ ମାଗିଥିବା ତଥ୍ୟର ଉତ୍ତରରେ କହିଛନ୍ତି ଯେ, ଜଣେ ଚିକିତ୍ସକ ୨ ଦିନ ଲେଖାଏ ତଥା ୪୮ ଘଣ୍ଟା ରୋଗୀ ସେବା ଯୋଗାଉଛନ୍ତି। ସୋମବାର, ମଙ୍ଗଳବାର ଜଣେ ଚିକିତ୍ସକ, ବୁଧବାର, ଗୁରୁବାର ଅନ୍ୟଜଣେ ଏବଂ ଶୁକ୍ରବାର, ଶନି ଓ ରବିବାର ଆଉ ୨ଜଣ ଡାକ୍ତର ଦାୟିତ୍ୱ ତୁଲାଉଛନ୍ତି। ସରକାର ରୋଗୀଙ୍କ ଉତ୍ତମ ଚିକିତ୍ସା ପାଇଁ ଜଣେ ଚିକିତ୍ସକ ୮ ଘଣ୍ଟା ସେବା ଯୋଗାଇବାର ନିୟମ କରିଥିବାବେଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଚିକିତ୍ସକ କିପରି ୪୮ ଘଣ୍ଟା ଧରି କାର୍ଯ୍ୟ କରୁଛନ୍ତି, ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟସୂଚୀ ମରାଯାଉ ନ ଥିବାବେଳେ ସପ୍ତାହରେ ୨ଦିନ ଜଣେ ଚିକିତ୍ସକ କାର୍ଯ୍ୟ ତୁଲାଇ ଅନ୍ୟ ଦିନଗୁଡିକ ଅନୁପସ୍ଥିତ ରହୁଥିବା ସ୍ପଷ୍ଟ ହୋଇଛି। ସପ୍ତାହର ଅନ୍ୟ ଦିନଗୁଡ଼ିକ କାଗଜ କଲମରେ ଉପସ୍ଥିତ ରହି ସରକାରଙ୍କଠାରୁ ସମ୍ପୂର୍ଣ୍ଣ ମାସକର ଦରମା ନେଉଥିବା ଜଣାପଡ଼ିଛି। ଅପରପକ୍ଷରେ କେତେଜଣ ଚିକିତ୍ସକ ସ୍ୱାସ୍ଥ୍ୟକେନ୍ଦ୍ର ନ ଆସି ଘରେ ରୋଗୀଙ୍କୁ ଦେଖି ଅର୍ଥ ଉପାର୍ଜନ କରୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ କାହ୍ନୁଚରଣ ନାୟକଙ୍କୁ ପଚାରିବାରୁ, ସେ ନୂଆ ଆସିଛନ୍ତି। ଘଟଣା ବିଷୟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି।

# ରାସ୍ତା ପାର୍ଶ୍ୱ ଖୋଳା କାମକୁ ବିରୋଧ

କାଳିଆପାଣି,୧୯।୬(ଡି.ଏନ୍.ଏ.)



ରାସ୍ତା ପାର୍ଶ୍ୱ ମାଟି ଖୋଳାଯାଇଛି।

### ଖଣି ଅଞ୍ଚଳରେ ପାଇପ୍‌ଯୋଗେ ପାନୀୟ ଜଳ ଯୋଗାଣ

କାଳିଆପାଣି ଖଣି ଅଞ୍ଚଳରେ ଜିଲା ଖଣିଜ ପାଣ୍ଠି ବିନିଯୋଗରେ ପାନୀୟ ଜଳ ଯୋଗାଣ ନିମନ୍ତେ ପାଇପ୍ ବିଛା କାମ ଚାଲିଛି। କାଙ୍କଡ଼ପାଳ ଗ୍ରାମଠାରୁ ପାନୀୟଜଳ ଯୋଗାଣ ପାଇଁ ପାଇପ୍ ବିଛା କାମ କରାଯାଉ ଥିବାବେଳେ ଠିକାଦାର ବିନାଅନୁମତିରେ ରାସ୍ତା ପାର୍ଶ୍ୱ ଖୋଳି ନଷ୍ଟ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆରମ୍ଭରୁ ଠିକାଦାର ବହୁ ମୂଲ୍ୟବାନ ଗଛ କାଟିବାକୁ ନେଇ ବିରୋଧର ଶିକାର ହୋଇଥିଲେ। ଏବେ ପୁଣି ଠିକାଦାର ବିନା ଅନୁମତିରେ ରାସ୍ତା ଖୋଳି ନେଇ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

୨୦୧୫ରେ ଜିଲା ଖଣିଜ ପାଣ୍ଠି ଅର୍ଥରେ ସୁକିନ୍ଦା ବ୍ଲକ ଖଣି ଅଞ୍ଚଳର ବିଭନ୍ନ ଗ୍ରାମକୁ ପାନୀୟ ଜଳ ଯୋଗାଣ ନିମନ୍ତେ ଖଣିଜପାଣ୍ଠି ପ୍ରଥମ ବୈଠକରେ ପ୍ରକଳ୍ପ ପାଇଁ ପ୍ରସ୍ତାବ ପାରିତ ହୋଇଥିଲା। ବିଳମ୍ବରେ ହେଲେ ମଧ ପ୍ରକଳ୍ପକାମ ଦ୍ରୁତଗତିରେ କରାଯାଉଛି। ବ୍ରାହ୍ମଣୀ ନଦୀରୁ ଜଳ ଉଠାଯାଇ କାଙ୍କଡ଼ପାଳ ପଞ୍ଚାୟତର କଙ୍କଡ଼ପାଳଠାରେ ଭୂତଳ ଟାଙ୍କିରେ ଗଚ୍ଛିତ କରି ଖଣି ଅଞ୍ଚଳର ସମସ୍ତ ଗ୍ରାମକୁ ଜଳ ଯୋଗାଣ କରାଯିବା ପ୍ରସ୍ତାବରେ ଗୃହୀତ ହୋଇଥିଲା। ନଗଡା ଅପପୁଷ୍ଟି ଘଟଣାପରେ ଆଦିବାସୀ ବହୁଳ ନଗଡ଼ା ପର୍ଯ୍ୟନ୍ତ ରହିଥିବା ଗ୍ରାମଗୁଡ଼ିକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ କରିବାକୁ ପାଇପ ବିଛା କାମ ଚାଲିଛି। ଆରମ୍ଭରୁ ପାଇପ ବିଛାକାମ ଜଙ୍ଗଲ ଭିତର ଦେଇ ଆସୁଥିବାରୁ ଠିକାଦାର ବହୁ ମୂଲ୍ୟବାନ ଗଛ କାଟି ନଷ୍ଟ କରିଥିଲେ। ଏ ନେଇ କୁସୁମଡ଼ିହା ଗ୍ରାମବାସୀ ବିରୋଧ କରିଥିଲେ। ପରେ ଆରଡ଼ି ବିଭାଗ ଏସ୍‌ଡିଓ ମୁଦୁଲି ଭେଙ୍କଟରମଣଙ୍କ ନିର୍ଦ୍ଦେଶକ୍ରମେ କନିଷ୍ଠଯନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରି ରିପୋର୍ଟ ପ୍ରଦାନ କରିବା ପରେ ଜଳପରିମଳ ବିଭାଗକୁ ଏପରି ନ କରିବାକୁ ଚିଠି କରିବା ସହ କାମ ବନ୍ଦ କରିବାକୁ ମଧ୍ୟ ତାଗିଦ୍ କରିଥିଲେ। ମାତ୍ର କିଛି ଦିନ ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗ କାମ ବନ୍ଦ କରିବା ପରେ ପୁଣି ଠିକାଦାର କାମ ଆରମ୍ଭ କରିଥିଲେ। ଏବେ କଲରଙ୍ଗୀ ଦେହୁରୀ ସାହିଠାରୁ ପାଇପ୍ ବିଛା କାର୍ଯ୍ୟ ପାଇଁ ମାଟି ଖୋଳା ଆରମ୍ଭ ହୋଇଛି। ହେଲେ ଠିକାଦାର ବିନା ଅନୁମତିରେ କଂକ୍ରିଟ ରାସ୍ତା ପାର୍ଶ୍ୱକୁ ଖୋଳି ମାଟିକୁ ରାସ୍ତାରେ ଗଦା କରୁଛନ୍ତି। ଫଳରେ ରାସ୍ତାରେ ଯାତାୟାତ କରିବାରେ ବିଭିନ୍ନ ସମସ୍ୟା ଦେଖାଯାଉଛି। ଏ ନେଇ ଜଳପରିମଳ ବିଭାଗ କନିଷ୍ଠଯନ୍ତ୍ରୀ ଆର୍ ଶତପଥୀଙ୍କୁ ପଚାରିବାରୁ, ଏହା ଏକ ସରକାରୀ କାମ ହୋଇଥିବାରୁ ସଡ଼କ ବିଭାଗ ପକ୍ଷରୁ ଅନୁମତି ଆବଶ୍ୟକ ନାହିଁ। ତେବେ ଯେଉଁ ଅଞ୍ଚଳକୁ ଖୋଳାଯାଇଛି। ସେ ସ୍ଥାନକୁ ପୂର୍ବ ପରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷେ ଆରଡି ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ, ରାସ୍ତା ଖୋଳିବାକୁ ମନା କରାଯାଇଛି। ଏଥିସହ ଏ ସମ୍ପର୍କରେ ଜିଲାପାଳ ଏବଂ ଅର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗକୁ ଚିଠି କରାଯାଇଥିବା କହିଛନ୍ତି। ଠିକାଦାରଙ୍କ ବିରୋଧରେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏ ଦିଗରେ ଜିଲାପାଳ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଧିବାସୀ ଅନୁରୋଧ କରିଛନ୍ତି।



ମନୁଷ୍ୟର ପ୍ରକୃତି ହେଲା ଅନ୍ୟ ବିଷୟରେ ଠିକ୍ କଥା କହିବ, ନିଜ ବେଳକୁ ଭୁଲ୍ କାମ କରୁଥିବ।
-ଏଜ୍‌ଗାର୍ଡ ଭାରେସେସ୍

## ସଂକ୍ଷେପରେ

### ବରୀ ବ୍ଲକ କଳାକାରଙ୍କୁ ମିଳୁନି ସହାୟତା

ବରୀ,୧୯।୬(ସ୍ୱ.ପ୍ର)

ରାଜ୍ୟ ସରକାର କଳାକାରଙ୍କୁ ସହାୟତା ପ୍ରଦାନ ଘୋଷଣା କରିବା ସହିତ ସହାୟତା ପ୍ରଦାନ କରିଥିଲେ। କଳାକାରଙ୍କୁ ଚିହ୍ନଟ କରାଯାଇ ନଭେମ୍ବର, ଡିସେମ୍ବର ୨ମାସର ସହାୟତା ପିଠା କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ ଜରିଆରେ ପ୍ରଦାନ କରିଥିଲେ। ଇତିମଧ୍ୟରେ ୬ମାସ ବିତି ଯାଇଥିଲାବେଳେ ବରୀ ବ୍ଲକ କଳାକାରଙ୍କୁ ଆଉ ସରକାରୀ ସହାୟତା ମିଳୁନି ବୋଲି ଅଭିଯୋଗ ହେଉଛି। ଏହି ଅଭିଯୋଗ ଯାଜପୁର ଜିଲାପାଳଙ୍କ ନିକଟରେ ହୋଇଥିବା ଜଣାପଡ଼ିଛି।

ବରୀ ବ୍ଲକ କଳାକାରଙ୍କ ନିମନ୍ତେ ଆର୍ଥିକ ସହାୟତା ଆସିଥିଲା। କିନ୍ତୁ ବ୍ଲକ ପ୍ରଶାସନ ଏହାକୁ ହଡ଼ପ କରି ନେଇଥିବା ଅଭିଯୋଗକାରୀ ଦର୍ଶାଇଛନ୍ତି। ଜିଲା ପ୍ରଶାସନ ଚିଠି ମାଧ୍ୟମରେ କଳାକାର ସହାୟତା ଅନୁଦାନ ବରୀ ବ୍ଲକକୁ ଆସିଛି ବୋଲି ଜିଲା ପ୍ରଶାସନ ଅଭିଯୋଗକାରୀଙ୍କୁ ସୂଚନା ଦେଇଛି। ଅଭିଯୋଗକାରୀମାନେ ସହାୟତା ପାଇଁ ବରୀ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ି ଶେଷରେ ନିରାଶ ହୋଇଛନ୍ତି। ସହାୟତା ସମ୍ପର୍କରେ କଳାକାରମାନେ ବ୍ଲକ ପ୍ରଶାସନକୁ ପଚାରିଲେ ଗାଳିଗୁଲଜ ଶୁଣିବାକୁ ମିଳୁଛି ବୋଲି ଅଭିଯୋଗ ହେଉଛି। ଏନେଇ ପ୍ରଶାସନ ପକ୍ଷରୁ ତଦନ୍ତ କରାଗଲେ ସତ୍ୟାସତ୍ୟ ଲୋକଲୋଚନକୁ ଆସିପାରିବ ବୋଲି ଅଭିଯୋଗରେ କଳାକାରମାନେ ଦର୍ଶାଇଛନ୍ତି। ନ୍ୟାୟ ନ ମିଳିଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି କଳାକାର ବିଶ୍ୱନାଥ ଦାସ, ସୁବାସ ଚନ୍ଦ୍ର ସାହୁ, ବିମ୍ବାଧର ସେନାପତି ଓ କୃଷ୍ଣ ଚନ୍ଦ୍ର ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ବିଡିଓ ପ୍ରଭାସ ଚନ୍ଦ୍ର ବେହୁରାଙ୍କୁ ପଚାରିବାରୁ, କଳାକାରଙ୍କ ପାଇଁ ଆସିଥିବା ସହାୟତା ଉପରେ ତଦାରଖ କରି ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ ବୋଲି କହିଥିଲେ।

### ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ, ଡ୍ରାଇଭର ଗୁରୁତର



ଖଇରା,୧୯।୬(ଡି.ଏନ.ଏ.)

ବୁଧବାର ପ୍ରତ୍ୟୁଷରେ ବାଲେଶ୍ୱର ଜିଲା ସୋର-କୁପାରୀ ରାସ୍ତାର ଗଣ୍ଡିବେଡ-ଝାଟିଆ ମଝିରେ ଔପଦାର ୧୦୮ ଆମ୍ବୁଲାନ୍ସ ଏକ ଆମ୍ବଗଛରେ ପିଟି ହେବା ଯୋଗୁଁ ଡ୍ରାଇଭର ଦୁର୍ଗାପ୍ରସାଦ ଓଝା ଗୁରୁତର ହୋଇଛନ୍ତି। ଚିକିତ୍ସାପାଇଁ ତାଙ୍କୁ କଟକ ବଡଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଓଝାଙ୍କ ଘର ଖଇରା ବ୍ଲକ ଅଧୀନ ବାଘୁଆ ଗ୍ରାମରେ। ସେ ସୋର ଡାକ୍ତରଖାନାରେ ରୋଗୀ ଛାଡି ଔପଦା ଫେରୁଥିବା ବେଳେ ଆମ୍ବୁଲାନ୍ସ ଭାରସାମ୍ୟ ହରାଇ ଗଛରେ ବାଡେଇ ହୋଇ ଯାଇଥିଲା।

## ■ ଅବହେଳିତ ପର୍ଯ୍ୟଟନସ୍ଥଳୀ ଯାଜପୁର ସହର

# ସନ୍ଧ୍ୟା ପରେ ଗମନାଗମନ ପାଇଁ ମିଳୁନି ଗାଡ଼ି

ସମରଜିତ୍ ମହାନ୍ତି
ଯାଜପୁର ଟାଉନ,୧୯।୬




■ସଦର ମହକୁମାକୁ ଆସିବା ପାଇଁ ପାଣିକୋଇଲି ଛକରୁ ମିଳୁନି ସୁବିଧା
■ଅସୁବିଧାର ସମ୍ମୁଖୀନ ହେଉଛନ୍ତି ପର୍ଯ୍ୟଟକ

ଯାଜପୁର ଜିଲାକୁ ପୁରିଛି ୨୫ ବର୍ଷ। ଏହାସତ୍ତ୍ୱେ ଜାତୀୟ ରାଜପଥରୁ ସନ୍ଧ୍ୟା ପରେ ସଦରମହକୁମାକୁ ଯିବା ପାଇଁ କିମ୍ବା ସଦରମହକୁମାରୁ ଅନ୍ୟ କେଉଁଠାକୁ ଯିବାପାଇଁ ଏଠାରୁ ଗାଡ଼ି ମିଳୁ ନାହିଁ। ଯାଜପୁର ଜିଲାର ସଦରମହକୁମା ଯାଜପୁର ଟାଉନ ହୋଇଥିବାବେଳେ ଏହା ଜାତୀୟ ରାଜପଥଠାରୁ ମାତ୍ର ୧୬ କିଲୋମିଟର ଦୂରରେ ଅବସ୍ଥିତ। ଏହି ସଦରମହକୁମାକୁ ସନ୍ଧ୍ୟା ପରେ କୁଆଖିଆ କିମ୍ବା ପାଣିକୋଇଲିଠାରୁ ଯାତ୍ରୀଙ୍କୁ ଗାଡ଼ି ମିଳେ ନାହିଁ। ଅନେକ ସମୟରେ ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ଅଟୋ, ଟ୍ରେକର କିମ୍ବା ଟ୍ରକ୍ ସାହାଯ୍ୟରେ ସଦରମହକୁମାକୁ ଆସିଥାନ୍ତି। ସେହିପରି ସନ୍ଧ୍ୟା ୬ଟା ପରେ ନିଜ କାର୍ଯ୍ୟ ସାରି ଘରକୁ ଫେରିବା ପାଇଁ ମଧ୍ୟ ଗାଡ଼ି ଖଣ୍ଡିଏ ମିଳେ ନାହିଁ। ଯାଜପୁର ସଦରମହକୁମାକୁ ସନ୍ଧ୍ୟା ପରେ ଆସିବା ପାଇଁ ଲୋକେ ନାହିଁ ନ ଥିବା ହଇରାଣ ହେଉଥିବା ବେଳେ ସରକାରୀ କିମ୍ବା ଘରୋଇ ବସ୍‌ର ସୁବିଧା ନ ଥାଏ। ଯେଉଁ କେତୋଟି ବସ୍ କଟକରୁ ଆସିଥାଏ ସେଗୁଡ଼ିକ କୁଆଖିଆ ରାସ୍ତା ଦେଇ ଆସୁଥିବାବେଳେ ପାଣିକୋଇଲିରୁ ଯାତ୍ରୀଙ୍କୁ ଆସିବା ପାଇଁ କୌଣସି ସୁବିଧା ନ ଥାଏ। ଭଦ୍ରକ, ବାଲେଶ୍ୱର, ଯାଜପୁରରୋଡ, କଳିଙ୍ଗନଗର, କେନ୍ଦୁଝର ଆଦି ସ୍ଥାନରୁ ଆସୁଥିବା ଯାତ୍ରୀମାନେ ରାତି ରାତି ପାଣିକୋଇଲି ଛକଠାରେ ଯାଜପୁର ସଦରମହକୁମାକୁ ନ ଆସିପାରି ଅପେକ୍ଷା କରି ରହିଥାନ୍ତି। ଯାଜପୁର ସଦରମହକୁମା ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବାବେଳେ ଏହାଏକ ସର୍ବପୁରାତନ ସହର। ଏହି ସହର ପୂର୍ବରୁ ରାଜ୍ୟର ରାଜଧାନୀ ଭାବେ ପରିଗଣିତ ହେଉଥିଲା। ଏହାକୁ ରାଜ୍ୟର ସର୍ବଶ୍ରେଷ୍ଠ ପର୍ଯ୍ୟଟନସ୍ଥଳୀ କରିବା ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡିଛନ୍ତି। ମାତ୍ର ସନ୍ଧ୍ୟାରେ ଏଠାରୁ କିମ୍ବା ଏଠାକୁ ଅନ୍ୟ ସ୍ଥାନକୁ ଗମନାଗମନର ସୁବିଧା ନ ଥିବା ଆଶ୍ଚର୍ଯ୍ୟ ଓ ଲଜ୍ଜାର ବିଷୟ। ଏହି ସହର ସଦର ମହକୁମା ବ୍ୟତୀତ ବିରଜା ମନ୍ଦିର, ବରାହ ମନ୍ଦିର, ଦଶାଶ୍ୱମେଧଘାଟ ସହ ଅନେକ ପୁରାଣବର୍ଣ୍ଣିତ ମନ୍ଦିର ଥିବାବେଳେ ଏଠାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଗତବର୍ଷ ରାଜ୍ୟ ସରକାରଙ୍କ ପାଣ୍ଠିରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି କୁସୁମା ପୁଷ୍କରଣୀ ନିର୍ମାଣ କରିଛନ୍ତି। ଏହି ପୁଷ୍କରଣୀକୁ ଦେଖିବା ପାଇଁ ଜିଲା ଏବଂ ଜିଲା ବାହାରୁ ହଜାର ହଜାର ସଂଖ୍ୟକ ପର୍ଯ୍ୟଟକଙ୍କ ଆଗମନ ହେଉଛି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ, ଏଠାକୁ ଆସିବା ପାଇଁ କିମ୍ବା ଏଠାରୁ ଯିବା ପାଇଁ ଗାଡି ଗୋଟିଏ ମିଳେନାହିଁ। ଏହି ସହରକୁ ବିଶେଷ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ିତୋଳିବା ପାଇଁ ସ୍ଥାନୀୟ ବିଧାୟକ ସହରର ସୌନ୍ଦର୍ଯ୍ୟକରଣ, ଦଶାଶ୍ୱମେଧଘାଟକୁ ପୁନରୁଦ୍ଧାର, ବାରୁଣୀ ପଡ଼ିଆ ମହାଶ୍ମଶାନକୁ ନବୀକରଣ, ପୁରାତନ କୀର୍ତ୍ତିରାଜୀକୁ ସୁରକ୍ଷିତ କରି ମ୍ୟୁଜିୟମ ସ୍ଥାପନ, ରାସ୍ତାଗୁଡିକର ପ୍ରଶସ୍ତୀକରଣ ସହ ଅନେକ କାର୍ଯ୍ୟ କରାଯାଇଛି ଏବଂ ଅନେକ କାର୍ଯ୍ୟ କରାଯିବା ପାଇଁ ହାତକୁ ନିଆଯାଇଛି। ମାତ୍ର ଏହି ସହରରେ ବିରଜା ମନ୍ଦିର, ବରାହ-ଦଶାଶ୍ୱମେଧଘାଟ ନିକଟରେ ଯାତ୍ରୀଙ୍କ ପାଇଁ ସୁଲଭ ଶୌଚାଳୟ ନ ଥିବାରୁ ପର୍ଯ୍ୟଟକମାନେ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ପର୍ଯ୍ୟଟକଙ୍କୁ ଏହି ସହରକୁ ଆସିବା ପାଇଁ ନିଜସ୍ୱ ଗାଡ଼ି କରି ଆସିବାକୁ ପଡୁଛି। ଏତଦ୍ ବ୍ୟତୀତ ଯାଜପୁର ସହରରୁ ପ୍ରସିଦ୍ଧ ଆଖଣ୍ଡଳମଣୀ ମନ୍ଦିର ମାତ୍ର ୪୦ କି.ମି ଦୂରରେ ଅବସ୍ଥିତ ଥିବାବେଳେ ପର୍ଯ୍ୟଟକମାନେ ଆଖଣ୍ଡଳମଣି ମନ୍ଦିରକୁ ଯିବା ପାଇଁ କୌଣସି ଗାଡ଼ିର ସୁବିଧା ନ ଥାଏ। ଯାଜପୁର ଦେଇ ଆଖଣ୍ଡଳମଣୀ ପୀଠକୁ ଯିବା ପାଇଁ ପର୍ଯ୍ୟଟକମାନେ ଜାଣି ମଧ୍ୟ ନ ଥାନ୍ତି। ଅନେକ ପର୍ଯ୍ୟଟକ ଏହି ପୀଠକୁ ଯିବାପାଇଁ ଭଦ୍ରକ ଦେଇ ଯିବାଆସିବା କରିଥାନ୍ତି। ତେବେ ଏହି ସଦରମହକୁମାକୁ ରାସ୍ତା ଅଛି ମାତ୍ର ଏଠାକୁ ଯିବାଆସିବା ପାଇଁ ସନ୍ଧ୍ୟା ପରେ ଗାଡି ନାହିଁ। ଏହି ସଦରମହକୁମାକୁ ପାଣିକୋଇଲି ଏବଂ କୁଆଖିଆଠାରୁ ସନ୍ଧ୍ୟାପରେ ଗାଡି ଚଳପ୍ରଚଳ କରିବା ପାଇଁ ସାଧାରଣରେ ଦାବି ହୋଇଛି।

### ୧୭ କ୍ଲଷ୍ଟରରେ ନୂତନ ସିଆର୍‌ସିସି ନିଯୁକ୍ତ

**କୋରେଇ ଶିକ୍ଷାମଣ୍ଡଳ**

କୋରେଇ,୧୯।୬(ସ୍ୱପ୍ର)

ଶିକ୍ଷାକୁ ତ୍ୱରାନ୍ୱିତ କରାଯିବା ପାଇଁ କୋରେଇ ଶିକ୍ଷା ମଣ୍ଡଳର ୧୭ଟି କ୍ଲଷ୍ଟରରେ ୧୭ଜଣ ନୂତନ ସିଆରସିସିଙ୍କୁ ନିଯୁକ୍ତ କରାଯାଇଛି। ସିଆରସିସି ଚିତ୍ତରଞ୍ଜନ ନନ୍ଦଙ୍କୁ ତଳଗଡ କ୍ଲଷ୍ଟରରେ, ପ୍ରଶାନ୍ତ କୁମାର ବେହେରାଙ୍କୁ ସୋତି, ହରେକୃଷ୍ଣ ସ୍ୱାଇଁଙ୍କୁ ପରମନନ୍ଦପୁର, ହେମନ୍ତ କୁମାର ପାତ୍ରଙ୍କୁ କରଦା, ରାମଚନ୍ଦ୍ର ସାହୁଙ୍କୁ ବଡବିରୁଆଁ, ଚିନ୍ତାମଣି ବେହେରାଙ୍କୁ ମକୁନ୍ଦପୁର, କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କୁ ବରୁଣ୍ଡାଇରେ ନିଯୁକ୍ତ କରାଯାଇଛି। ସେହିପରି ଅଖିଳ ମୋହନ ମହାନ୍ତିଙ୍କୁ ପାଣିକୋଇଲି, ଅଭୟ କୁମାର ସ୍ୱାଇଁଙ୍କୁ ରାଧାରମଣ, ସୁରେଶ କୁମାର ପଣ୍ଡାଙ୍କୁ ତୁଳତି, ବିଳାସ କୁମାର ଖଟୁଆଙ୍କୁ ସାଦକପୁର, ଅଚ୍ୟୁତାନନ୍ଦ ଦାସଙ୍କୁ ଠାକୁରପାଟଣା, ଶୁଭ୍ରାଂସୁ ଶେଖର ନାୟକଙ୍କୁ ଗୋପାଳପୁର, ପ୍ରଫୁଲ୍ଲ କୁମାର ରାଉତଙ୍କୁ ଧନେଶ୍ୱର ଶ୍ରୀଗୌରାଙ୍ଗ, ଅଭୟ କୁମାର ସାହୁଙ୍କୁ ତୁଳସୀପୁର, ପ୍ରଫୁଲ୍ଲ କୁମାର ନାଥଙ୍କୁ ପୂର୍ବକୋଟ, ମମତା ପୃଷ୍ଟିଙ୍କୁ ସାପଗଡିଆ କ୍ଲଷ୍ଟରରେ ନିଯୁକ୍ତ କରାଯାଇଛି।

# ଖୋଲାଯାଇନି ଫାଇଲ୍, ସରିବାକୁ ବସିଲାଣି ରାସ୍ତା କାମ

କୋରେଇ,୧୯।୬(ସ୍ୱ.ପ୍ର)



■ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହେଉଛି କାମ
■ମୋରମ ଖୋଳୁଛି ମେଶିନ
■କାମ ସମ୍ପର୍କରେ ଜାଣିନାହାନ୍ତି ଜିଆରଏସ୍

କୋରେଇ ବ୍ଲକ ଅର୍ନ୍ତଗତ ସାଦକପୁର ପଞ୍ଚାୟତର ଫାଜଲପୁର ଗ୍ରାମରେ ମହାତ୍ମାଗାନ୍ଧୀ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଦୁର୍ନୀତି ଜଳଜଳ ହୋଇ ଦିଶୁଛି। ମାତ୍ର ପ୍ରସାଶନ ଏହା ମାନିବାକୁ ନାରାଜ। ସରକାରୀ ନିୟାମ ଅନୁଯାୟୀ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ପୂର୍ବରୁ ପଞ୍ଚାୟତରେ ଫାଇଲ୍ ଖୋଲାଯାଇ ଓ୍ୱେବସାଇଟରେ ଏ ସମ୍ପର୍କିତ ସୂଚନା ଆଦି ଜିଆରଏସ ଅପ୍‌ଲୋଡ କରିବା କଥା। କିନ୍ତୁ ତାହା ହୋଇ ନ ଥିବା ଜଣାପଡ଼ିଛି। ଏହି କାର୍ଯ୍ୟ ଆରଆଣ୍ଡବି ରୋଡଠାରୁ ଇନ୍ଦିରା କଲୋନୀ ପର୍ଯ୍ୟନ୍ତ ଚାଲିଛି। ରାସ୍ତା ନିର୍ମାଣ ଚାଲିଥିବାବେଳେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକରେ କାର୍ଯ୍ୟ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସୂଚନା ଲେଖାଯାଇ ନ ଥିବାସ୍ଥଳେ କେବଳ କାର୍ଯ୍ୟର ଅଟକଳ ପରିମାଣ ୫ଲକ୍ଷ ଟଙ୍କା ଲେଖାଯାଇଛି। ଏହାଛଡା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଜେସିବି ମେଶିନ ମୋରମ ଖୋଳୁଥିବା ଦେଖିବାକୁ ମିଳିଛି। ହେଲେ ଏହି କାର୍ଯ୍ୟ ସମ୍ପର୍କରେ ଜିଆରଏସ୍ କିଛି ଜାଣି ନ ଥିବା ସୂଚନା ଦେଇଛନ୍ତି। ବିଗତ ଦିନରେ ଏହି ପଞ୍ଚାୟତ ଦୁର୍ନୀତିରେ ଗନ୍ତାଘର ଭାବେ ପରିଚିତ। ଏଠାରେ ହୋଇଥିବା ଅନେକ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଚାଲିଥିବାବେଳେ ପୁଣି ଏକ ଦୁର୍ନୀତି ପଞ୍ଚାୟତ ଓ ବ୍ଲକ କର୍ମଚାରୀଙ୍କ ବିନା ଜାଣତରେ ହେବା ସମ୍ଭବ ନୁହେଁ ବୋଲି ଚର୍ଚ୍ଚା ହେଉଛି। କୋରେଇ ବ୍ଲକରେ ଜଣେ ଜେଇ ୨୮ ସ୍ଥାନୀୟ ମାଫିଆଙ୍କୁ ହାତ କରି ବିନା ଫାଇଲରେ କାର୍ଯ୍ୟ କରି ପରମୁହୂର୍ତ୍ତରେ ଟଙ୍କା ଉଠାଣ କରୁଥିବା ବିଭିନ୍ନ ସମୟରେ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ସାଧାରଣରେ ଜିଲା ପ୍ରଶାସନର ସାଧୁତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ କାର୍ଯ୍ୟର କୌଣସି ଫାଇଲ୍ ଖୋଲା ନ ଯାଇ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ବସିଲାଣି। ଏ ସମ୍ପର୍କରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ନେହେରୁ ବେହେରାଙ୍କୁ ପଚାରିବାରୁ, ଏହାର ସତ୍ୟାସତ୍ୟ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

## ବରୀ ବିଜେଡିର କର୍ମୀ ସମାବେଶ

# 'ମହିଳାଙ୍କ ସମସ୍ୟାକୁ ପ୍ରାଥମିକତା ଦିଆଯିବ'



ବରୀ ବିଜେଡି କର୍ମୀ ସମାବେଶରେ ମଞ୍ଚାସୀନ ଅତିଥି ।

ରସୁଲପୁର,୧୯।୬(ଡିଏନଏ)

ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକର ୧୦ଟି ପଞ୍ଚାୟତକୁ ନେଇ ବୁଧବାର ଅର୍ଥଗାଁ ପଞ୍ଚାୟତ ତଅପୋଇ ମେଳଣ ପଡ଼ିଆଠାରେ ବରୀ ବିଜେଡିର ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ସମ୍ମାନିତ ଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଓ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ଚଳିତ ନିର୍ବାଚନରେ ସେମାନଙ୍କୁ ବିଜୟୀ କରିଥିବାରୁ ଜଣସାଧାରଣଙ୍କୁ ଧନ୍ୟବାଦ ଦେଇଥିଲେ। ଏହା ସହିତ ଏହି ପାଞ୍ଚ ବର୍ଷରେ ବରୀର ବିକାଶ ଧାରାକୁ ଦ୍ୱିଗୁଣିତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ସାଧାରଣ ନିର୍ବାଚନରେ ମହିଳାଙ୍କ ଭୋଟ ଅଧିକ ରହିଥିବାରୁ ମହିଳାଙ୍କ ସମସ୍ୟାର ସମାଧାନ ପ୍ରତି ପ୍ରଥମେ ଦୃଷ୍ଟି ଦିଆଯିବ ବୋଲି ଅତିଥିମାନେ କହିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ରସୁଲପୁର ବ୍ଲକ ଅଧ୍ୟକ୍ଷା ସାରଥୀ ଜେନା, ବରୀ ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ବିଜେଡିର ମାର୍ଗ ଦର୍ଶକ ଦେବେନ୍ଦ୍ର ଦାସ, ବରୀ ବ୍ଲକ ଉପସଭାପତି କେଦାର ସାମଲ, ଜିଲା ବିଜେଡି ଉପସଭାପତି ବେଣୁଧର ଦାସ, ଅହଲ୍ୟା ମଣ୍ଡଳ, ପ୍ରଭାତ ପୃଷ୍ଟି ପ୍ରମୁଖଙ୍କ ସମେତ ଶତାଧିକ ବିଜେଡି କର୍ମୀ ଯୋଗଦେଇଥିଲେ।

# ଫନୀରେ ବ୍ୟାସନଗର ତହସିଲରେ ଭାଙ୍ଗିଛି ୭୧୭ ଘର

ଯାଜପୁର ରୋଡ,୧୯।୬(ନି.ପ୍ର)

ଫନୀ ବାତ୍ୟାରେ ବ୍ୟାସନଗର ତହସିଲ ଅଧୀନରେ ଥିବା ବ୍ୟାସନଗର ପୌରପରିଷଦ ଓ କୋରେଇ ବ୍ଲକର ୨୮ପଞ୍ଚାୟତରେ ୭୧୭ ଗୃହ ଭାଙ୍ଗିଯାଇଛି ବୋଲି ଆକଳନ କରାଯାଇଛି। ଏଥିପାଇଁ କ୍ଷତିଗ୍ରସ୍ତ ବିପନ୍ନଙ୍କୁ ସାହାଯ୍ୟ କରିବାକୁ ୫୯,୯୬,୪୦୦ଟଙ୍କା ମଞ୍ଜୁର କରିବାକୁ ଜିଲାପାଳଙ୍କୁ ବ୍ୟାସନଗର ତହସିଲ ପକ୍ଷରୁ ରିପୋର୍ଟ କରାଯାଇଛି। କିନ୍ତୁ ଏହି ତହସିଲରେ ବେସରକାରୀ ଭାବେ ୧୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଘର ତଦନ୍ତ କରାଯାଇ ନାହିଁ ବୋଲି ବିପନ୍ନଙ୍କ ପକ୍ଷରୁ ତହସିଲଦାରଙ୍କ ନିକଟରେ ଅଭିଯୋଗ କରାଯାଇଛି। ନିର୍ବାଚନ ଯୋଗୁ ତଦନ୍ତ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିଲା। ବ୍ୟାସନଗର ପୌରପରିଷଦର ଚୁନଭାଟି, କାଚହୁଡି ସାହି, କୁଷ୍ଠଆଶ୍ରମ, ଗାନ୍ଧୀନଗର, ମୁଣ୍ଡମାଳ ପ୍ରଭୃତି ଅଞ୍ଚଳରେ ସରକାରୀ ଜମିରେ ରହୁଥିବା ଆଦିବାସୀଙ୍କ ଘର ସମ୍ପୂର୍ଣ୍ଣ ଭୁଷୁଡି ପଡିଥିଲା। ସେସବୁ ସ୍ଥାନକୁ ଆରଆଇ ଯାଇ ତଦନ୍ତ କରି ନ ଥିବା ଅଭିଯୋଗ ହୋଇଛି। କୋରେଇ ବ୍ଲକର ଗୌରପୁର, ଅସନଝର, ପଛିକୋଟ, ସାଦକପୁର, ହଳଦିଗଡିଆ, ବନ୍ଧାଳ ପ୍ରଭୃତି ପଞ୍ଚାୟତର କେତେଜଣଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ଆଉ କେତେଜଣଙ୍କ ଘର ଆଂଶିକ ଭାଙ୍ଗିଯାଇଛି। କିନ୍ତୁ ତଦନ୍ତ କରାଯାଇ ନ ଥିବାରୁ ତହସିଲ ଅଫିସରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ତହସିଲଦାର ନିରଞ୍ଜନ ବେହେରାଙ୍କୁ ପଚାରିବାରୁ, ଦରଖାସ୍ତଗୁଡିକର ପୁର୍ନବିଚାର କରାଯାଇ ତଦନ୍ତ କରାଯିବ। କ୍ଷତିଗ୍ରସ୍ତ ଲୋକଙ୍କୁ ସରକାରଙ୍କ ପକ୍ଷରୁ ଘର ନିର୍ମାଣ ପାଇଁ ସହାୟତା ରାଶି ଯୋଗାଇ ଦିଆଯିବ ବୋଲି କହିଛନ୍ତି।

### ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍‌ଡ୍ରିଲ୍




ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ।

ଯାଜପୁର ରୋଡ,୧୯।୬(ନି.ପ୍ର)

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଯଥା ବନ୍ୟା, ବାତ୍ୟା ସମୟରେ ଲୋକଙ୍କୁ ଉଦ୍ଧାର କରିବା ପାଇଁ ବ୍ୟାସନଗର ତହସିଲ ପକ୍ଷରୁ ବୁଧବାର ସ୍ଥାନୀୟ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଓ ଗୋଦାମଗୃହରେ ସାମୁହିକ ଅଭ୍ୟାସ ବା ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା । ବ୍ୟାସନଗର ତହସିଲଦାର ନିରଞ୍ଜନ ବେହେରା, ଯାଜପୁର ରୋଡ ଅଗ୍ନିଶମ ବିଭାଗର ଅଧିକାରୀ, ଯାଜପୁର ରୋଡ ଥାନା ଅଧିକାରୀ ଅନିଲ କୁମାର ମହାନ୍ତି, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଏନ୍‌ସିସି ଅଫିସର ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଏନ୍‌ସିସି ଛାତ୍ରୀଛାତ୍ରଙ୍କୁ ବାତ୍ୟା, ବନ୍ୟା ସମୟରେ ମୁକାବିଲା ପାଇଁ ବିଭିନ୍ନ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ତହସିଲ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ■ ନିଶା ମାଫିଆଙ୍କୁ ନେଇ ଚିନ୍ତାରେ ପ୍ରଶାସନ

# ନିଶାମୁକ୍ତି ପାଇଁ ତ୍ରିସ୍ତରୀୟ ସ୍କ୍ୱାଡ୍

ବାଲେଶ୍ୱର ଅଫିସ,୧୯।୬



ନିଶାମୁକ୍ତି ପାଇଁ ପ୍ରଶାସନ ପକ୍ଷରୁ ବୈଠକ।

■ ଏକାଠି ହେଲେ ଅବକାରୀ, ପୋଲିସ, ସ୍ୱାସ୍ଥ୍ୟ, ବନବିଭାଗ
■ ଜିଲା, ଉପଖଣ୍ଡ ଓ ତହସିଲ ସ୍ତରରେ କମିଟି ଗଠନ

ବାଲେଶ୍ୱର ଜିଲାକୁ ନିଶାମୁକ୍ତ କରିବା ପାଇଁ ଅବକାରୀ, ପୋଲିସ, ସ୍ୱାସ୍ଥ୍ୟ, ବନବିଭାଗ ଏକାଠି ହୋଇ ତ୍ରିସ୍ତରୀୟ ସ୍କ୍ୱାର୍ଡ ଗଠନ କରିଛନ୍ତି। ଏଥିରେ ମାଜିଷ୍ଟ୍ରେଟ୍‌ଙ୍କୁ ମଧ୍ୟ ରଖାଯାଇଛି। ଜିଲାରେ ନିଶା କାରବାର ବୃଦ୍ଧି ପାଉଥିବାରୁ ପ୍ରଶାସନ ପକ୍ଷରୁ ଏଭଳି ମିଳିତ ଉଦ୍ୟମ ଆରମ୍ଭ କରାଯାଇଛି। ଏ ନେଇ ବୁଧବାର ପୂର୍ବାହ୍ନ ୧୧ଟା ସମୟରେ ବାଲେଶ୍ୱର ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଆୟୋଜିତ ହୋଇଥିଲା। ଉପରୋକ୍ତ ବିଭାଗର ସମସ୍ତ କର୍ମଚାରୀ ଏଥିରେ ଯୋଗଦେଇ ତ୍ରିସ୍ତରୀୟ ସ୍କ୍ୱାର୍ଡ଼ ଗଠନ କରିଥିଲେ। ବାଲେଶ୍ୱର ଜିଲାରେ ସର୍ବାଧିକ ଦେଶୀ ଓ ବିଦେଶୀ ମଦ ସହ ବ୍ରାଉନ୍‌ସୁଗାର ବେଆଇନ୍ ଭାବେ ବିକ୍ରି ହେଉଥିବାରୁ ନିଶା ମାଫିଆମାନଙ୍କୁ ଆୟତ୍ତ କରିବା ଅବକାରୀ ବିଭାଗର ନିୟନ୍ତ୍ରଣ ବାହାରେ ହୋଇ ପଡିଛି। ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ନିର୍ଦ୍ଦେଶରେ ଏପରି ପଦକ୍ଷେପ ନିଆଯାଇଛି।

ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାର ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ସମ୍ବିତ ନାୟକ, ଉପଜିଲାପାଳ ନୀଲୁ ମହାପାତ୍ର, ଜିଲା ଅବକାରୀ ଅଧୀକ୍ଷକ ରାଜେଶ ଭୋତ୍ରା, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ତୁଷାର କାନ୍ତ ଜେନାଙ୍କ ସମେତ ଜିଲା ପୋଲିସ ବିଭାଗର ସମସ୍ତ ଏସ୍‌ଡ଼ିପିଓ, ସମସ୍ତ ତହସିଲଦାର, ସ୍ୱାସ୍ଥ୍ୟବିଭାଗୀୟ ଡ୍ରଗ୍‌ସ ଇନ୍ସପେକ୍ଟର ଯୋଗଦେଇଥିଲେ। ଚୋରା ମଦ କାରବାରକୁ ନିୟନ୍ତ୍ରଣ କରିବା ପାଇଁ ଜିଲା, ଉପଖଣ୍ଡ ଏବଂ ତହସିଲସ୍ତରରେ ଏହି ମିଳିତ ସ୍କ୍ୱାଡ଼ ଗଠନ କରାଯାଇଥିବା ସୂଚନା ଦିଆଯାଇଛି। ଜିଲାସ୍ତରୀୟ ସ୍କ୍ୱାଡ଼ କମିଟିରେ ଜିଲାପାଳ ଚେୟାରମ୍ୟାନ୍ ଥିବାବେଳେ ଜିଲା ଆରକ୍ଷୀ ଅଧୀକ୍ଷକ, ଅତିରିକ୍ତ ଜିଲାପାଳ, ଜିଲା ବନ ଅଧିକାରୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲା ଅବକାରୀ ଅଧିକ୍ଷକ, ଡ୍ରଗ୍‌ସ ଇନ୍ସପେକ୍ଟର ସଦସ୍ୟ ଭାବେ ସ୍ଥାନ ପାଇଛନ୍ତି। ସେହିପରି ଉପଖଣ୍ଡସ୍ତରୀୟ ସ୍କ୍ୱାଡ଼ କମିଟିରେ ଉପଜିଲାପାଳ ଚେୟାରମ୍ୟାନ୍ ଥିବାବେଳେ ପୋଲିସ ବିଭାଗର ଏସ୍‌ଡ଼ିପିଓ, ସହକାରୀ ବନଅଧିକାରୀ, ସହକାରୀ ଅବକାରୀ ଅଧିକ୍ଷକ, ଡ୍ରଗ୍‌ସ ଇନ୍ସପେକ୍ଟର, ଥାନା ଅଧିକାରୀ, ଭ୍ରାମ୍ୟମାଣ ଅବକାରୀ ବିଭାଗ ଅଧୀକ୍ଷକ ସଦସ୍ୟ ରହିଛନ୍ତି। ତହସିଲସ୍ତରୀୟ ସ୍କ୍ୱାଡ଼ କମିଟିରେ ତହସିଲଦାର ଚେୟାରମ୍ୟାନ୍ ଥିବାବେଳେ ଥାନା ଅଧିକାରୀ, ରେଞ୍ଜର, ଅବକାରୀ ବିଭାଗ ନିରୀକ୍ଷକ ଏବଂ ଓଆଇସିଙ୍କୁ ସଦସ୍ୟ ଭାବେ ନିଆଯାଇ କମିଟି ଗଠନ କରାଯାଇଛି। ଉକ୍ତ କମିଟିର ସଦସ୍ୟମାନେ ପ୍ରତିମାସ ମିଳିତ ବୈଠକ କରି ଚୋରା ମଦ କାରବାର କରାଯାଉଥିବା ଅଞ୍ଚଳରେ ଚଢାଉ ଲାଗି ମିଳିତ ଭାବେ ଯୋଜନା ପ୍ରସ୍ତୁତ କରିବେ। ଏଥିଲାଗି ପ୍ରସ୍ତୁତ ହେବ ବ୍ଲୁ-ପ୍ରିଣ୍ଟ। ଜିଲା ଆରକ୍ଷୀ ଅଧୀକ୍ଷକ ଏଥିଲାଗି ସ୍ୱତନ୍ତ୍ର ଏପିଆର୍ ଫୋର୍ସ ଯୋଗାଇ ଦେବେ। ଡିଏସ୍‌ପି ଉମେଶ ପଣ୍ଡା, ସହକାରୀ ଅବକାରୀ ଅଧିକ୍ଷକ ଅମରେନ୍ଦ୍ର କୁମାର ଜେନା, ଭ୍ରାମ୍ୟମାଣ ନୀରିକ୍ଷକ ଉଦେଲାଲ ନାୟକ, ସଦର ଅବକାରୀ ବିଭାଗ ଉପନୀରିକ୍ଷକ ଅର୍ଜୁନ ମଲ୍ଲିକ ପ୍ରମୁଖ ବୈଠକରେ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ଜିଲା ଅବକାରୀ ଅଧିକ୍ଷକ ରାଜେଶ ଭୋତ୍ରା ଏହି ସୂଚନା ଦେଇ କହିଛନ୍ତି, ଅବକାରୀ ବିଭାଗରେ ଥିବା ଅଳ୍ପ ସଂଖ୍ୟକ କର୍ମଚାରୀ ବିଭନ୍ନ ସମୟରେ ମଦ ମାଫିଆଙ୍କ ଆକ୍ରୋଶରେ ଶୀକାର ହେଉଥିଲେ। ଏଥିଲାଗି ବଳିଷ୍ଠ ପଦକ୍ଷେପ ନିଆଯାଇ ଜଙ୍ଗଲ ଏବଂ ତହସିଲ ଅଧୀନ ସ୍ଥାନରେ ଥିବା ନକଲି ମଦ କାରଖାନା ଉପରେ ଚଢ଼ାଉ କରିବା ସହଜ ହେବ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୦ ଜୁନ୍, ୨୦୧୯



## ସଂକ୍ଷେପରେ

### ଅଲଣା ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି

ନାଉଗାଁ,୧୯।୬(ସ୍ୱ.ପ୍ର.): ନାଉଗାଁ ଥାନା ଅନ୍ତର୍ଗତ ଅଲଣା ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି ହୋଇଥିବା ବୁଧବାର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପଞ୍ଚାୟତର ସରପଞ୍ଚ ନଳିନୀପ୍ରଭା ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଭିରାମ ନନ୍ଦ ଏନେଇ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ପଞ୍ଚାୟତ କାର୍ଯ୍ୟାଳୟରୁ କମ୍ପ୍ୟୁଟର ମନିଟର, ଷ୍ଟାବଲାଇଜର ଆଦି ଚୋରି କରିନେଇଛି। ଏହାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ଭର କର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ବର୍ଷକ ମଧ୍ୟରେ ଏହି କାର୍ଯ୍ୟାଳୟରୁ ୨ଥର ଚୋରି ହେଲାଣି।

### ଲୋକନାଥ ସାମଲଙ୍କ ସ୍ମୃତିସଭା



କୁଜଙ୍ଗ,୧୯।୬(ସ୍ୱ.ପ୍ର): କୁଜଙ୍ଗ ବ୍ଲକ ବିଶ୍ୱାଳି ଗ୍ରାମର କମ୍ୟୁନିଷ୍ଟ ନେତା ଲୋକନାଥ ସାମଲଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ଅବସରପ୍ରାପ୍ତ କର୍ମଚାରୀ ସେବା ସଂଘ ଉପଦେଷ୍ଟା ଶିକ୍ଷାବିତ୍ ମାୟଧର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ଏମ୍‌ପି କୁଳମଣୀ ସାମଲ, ଡ. ବିଭୂପ୍ରସାଦ ତରାଇ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ସ୍ୱର୍ଗତ ଲୋକନାଥ ଜଣେ ସଚ୍ଚା କମ୍ୟୁନିଷ୍ଟ ନେତା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ସିପିଆଇର କୁଜଙ୍ଗ ଜୋନ୍ ସମ୍ପାଦକ ଶରତ ବେହେରା, ବରିଷ୍ଠ ନେତା ବାବୁରାମ ଚୌଧୁରୀ, ପୋସ୍କୋ ବିରୋଧୀ ନେତା ଅଭୟ ସାହୁ, ରବୀନ୍ଦ୍ରନାଥ ମହାପାତ୍ର, ଧୀରେନ୍ଦ୍ର ସ୍ୱାଇଁ, ଶଷୀଭୂଷଣ ସ୍ୱାଇଁ, ବିଷ୍ଣୁଚରଣ ମୁଦୁଲି, ଅଜୟ ବେହେରା, ସୁବାସ ମହାପାତ୍ର, ହୃଷୀକେଶ ନାଥ, ରମଣୀରଞ୍ଜନ ରାଉତରାୟ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

### ମହିମା ଆଶ୍ରମର ବାର୍ଷିକ ଉତ୍ସବ

ଏରସମା,୧୯।୬(ସ୍ୱ.ପ୍ର.): ଏରସମା ବ୍ଲକ ସଦରମହକୁମାସ୍ଥିତ ମହିମା ଆଶ୍ରମର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। ଏହାକୁ ବଲ୍କଲଧାରୀ ବାବା ଭରତ ଦାସ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଲେ ଯେ, ଆଧାତ୍ମିକତା ମାନବ ଜୀବନର ପ୍ରକୃତ ଓ ଆଦର୍ଶ ମାର୍ଗ। ସେଥିରେ ମନୋନିବେଶ କଲେ ମନରୁ ଆପଣା ଛାଏଁ ହିଂସା, ଦ୍ୱେଶ ଓ ପରଶ୍ରୀକାତରତା ପରି ଦୁର୍ଗୁଣ ଦୂରେଇ ଯାଏ। ପ୍ରଭାତରୁ ବାବା ଚରଣ ଦାସଙ୍କ ସମାଧି ପୀଠରେ ଧୂନୀ ସ୍ଥାପନ, ବାଳଭୋଗ, ସମୂହ ପ୍ରଭାତ ଭିକ୍ଷା କରାଯାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ବଲ୍କଲଧାରୀ ବାବା ବାବୁଲି ଦାସଙ୍କ ସହିତ ଦୁଃଖବନ୍ଧୁ ଦାସ, ବୁଦ୍ଧ ଦାସ ପ୍ରମୁଖ ଉପସ୍ଥିତ ରହି ମହିମା ଧର୍ମର ଗୁଢ଼ ତତ୍ତ୍ୱ ଉପସ୍ଥାପନ କରିଥିଲେ। ଏଥିରେ ଶତାଧିକ ମହିମା ଧର୍ମୀ ଓ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

### ୧୯୯୨ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ



ରାହାମା,୧୯।୬(ଡି.ଏନ୍.ଏ.): ତିର୍ତ୍ତୋଲ ବ୍ଲକ କନିମୂଳ ପଞ୍ଚାୟତ ଟିକମ ବାବା(କୁଟିଲ ମଠ) ପ୍ରାଙ୍ଗଣରେ ବାୟା ଅବଧୂତ ଉଚ୍ଚ ବିଦ୍ୟାଳୟର ୧୯୯୨ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। ଦୀର୍ଘ ୨୭ ବର୍ଷ ପରେ ପରସ୍ପରକୁ ଦେଖି ପୁରୁଣା ଦିନର ସ୍ମୃତି ମନେପକାଇ ସେମାନେ ଭାବବିହ୍ୱଳ ହୋଇପଡ଼ିଥିଲେ। ପ୍ରତାପ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦିବଂଗତ ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଇଦ୍ରସ୍ ଅଲ୍ଲି, ଅମିତାଭ ମଲ୍ଲିକ, ଭବଦୀପ୍ତ ରାଉତ, ରଞ୍ଜିତା ସେଠୀ, ସୁକାନ୍ତ ସାହୁ, ଚନ୍ଦନ ମହାପାତ୍ର, ସୁଶାନ୍ତ ସାହୁ, ସୁଶାନ୍ତ କର, ଅଭୟ ଦାସ, ମମତା ମଲ୍ଲିକ, ସୀମା ଦାସ, ଅଭିମନ୍ୟୁ ସେଠୀ, ସସ୍ମିତା ସେଠୀଙ୍କ ସମେତ ୮୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଏଥିରେ ଯୋଗ ଦେଇଥିଲେ।

■ ପୌରାଧକ୍ଷ ଓ ବିଧାୟକଙ୍କ ମଧ୍ୟରେ ଶୀତଳଯୁଦ୍ଧ ଆରମ୍ଭ

# ଯାତ୍ରୀ ବିଶ୍ରାମାଗାର ଉଦ୍‌ଘାଟନ ବନ୍ଦ

■ ବିଶ୍ରାମାଗାର କାନ୍ଥରୁ କଢ଼ାଗଲା ଫଳକ
■ ଦାମଙ୍କୁ ବିରୋଧ କରିବା ମୂଳ କାରଣ ବୋଲି ଚର୍ଚ୍ଚା

ପାରାଦୀପ,୧୯।୬(ସ୍ୱ.ପ୍ର.)

ଦୀର୍ଘଦିନର ନୀରବତା ପରେ ଏବେ ପୁଣି ଥରେ ପାରାଦୀପ ବିଜେଡି ରାଜନୀତି ସରଗରମ ହୋଇଛି। ପୂର୍ବରୁ ଦୀର୍ଘ ୨ ଦଶନ୍ଧୀ ଧରି ବରିଷ୍ଠ ନେତା ଦାମୋଦର ରାଉତ ଓ ବିଷ୍ଣୁ ଚରଣ ଦାସଙ୍କ ମଧ୍ୟରେ ଥିବା ବିବାଦକୁ ନେଇ ଜିଲା ତଥା ରାଜ୍ୟ ରାଜନୀତି ଉଷ୍ମ ହେଉଥିଲା। ମାତ୍ର ଏବେ ଉଭୟ ନେତା ନୀରବ ଅଛନ୍ତି। ଗତବର୍ଷ ସେପ୍ଟେମ୍ବର ମାସରେ ବିଜେଡି ଦାମଙ୍କୁ ବହିଷ୍କୃତ କରିବା ଓ ସେ ଭାଜପାରେ ଯୋଗଦେଇ ପାରାଦୀପ ଛାଡ଼ି ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀରୁ ନିର୍ବାଚନ ଲଢ଼ିବା ଫଳରେ ଜିଲା ରାଜନୀତିରେ ଅନେକ ପରିବର୍ତ୍ତନ ଘଟିଛି। ଦାମଙ୍କ ପାଇଁ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡିକୁ କେତେକ ଆସନରେ ପ୍ରାର୍ଥୀ ପରିବର୍ତ୍ତନ କରିବାକୁ ପଡ଼ିଥିଲା। ଏପରି କି ପାରାଦୀପରୁ ତାଙ୍କ ପୁତ୍ର ସମ୍ବିତ ରାଉତରାୟଙ୍କୁ ବିଜେଡି ଟିକେଟ୍ ଦିଆଯାଇଥିଲା, ଯାହାକି ଦଳରେ ଗୋଷ୍ଠୀ କନ୍ଦଳ ସୃଷ୍ଟି କରିଥିଲା। ମାତ୍ର ନିର୍ବାଚନ ପରେ ପରିସ୍ଥିତି ଶାନ୍ତ ପଡିଯାଇଥିବା ବେଳେ ଗତ ୧୪ ତାରିଖରୁ ନବ ନିର୍ବାଚିତ ବିଧାୟକ ସମ୍ବିତ ରାଉତରାୟ ଓ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ମଧ୍ୟରେ ଶୀତଳଯୁଦ୍ଧ ଆରମ୍ଭ ହୋଇଥିବା ଚର୍ଚ୍ଚା ହେଉଛି। ଉକ୍ତ ବିବାଦ ପାଇଁ ପାରାଦୀପ ବସ୍‌ଷ୍ଟାଣ୍ଡରେ ନିର୍ମିତ ଯାତ୍ରୀ ବିଶ୍ରାମାଗାର ଓ ଶୌଚାଳୟ ଉଦ୍‌ଘାଟନ ଉତ୍ସବ ଅନିର୍ଦ୍ଦିଷ୍ଟ ସମୟ ପାଇଁ ବନ୍ଦ ହୋଇଯାଇଛି। ଏପରିକି ଉଦ୍‌ଘାଟନ ନିମନ୍ତେ ଯେଉଁ ଫଳକ ବିଶ୍ରାମାଗାର କାନ୍ଥରେ ଲଗାଯାଇଥିଲା, ବିବାଦ ପରେ ତାହା କାଢି ଦିଆଯାଇଛି। ଏ ନେଇ ବିଜେଡି କର୍ମୀଙ୍କ ପକ୍ଷରୁ ସୋସିଆଲ ମିଡିଆ ଓ କେତେକ ଖବରକାଗଜରେ ଚର୍ଚ୍ଚା ଜୋର ଧରିଛି।

ପ୍ରକାଶ ଯେ, ଗତବର୍ଷ ପୌରପାଳିକା ପକ୍ଷରୁ ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ଉକ୍ତ ବିଶ୍ରାମାଗାର ନିର୍ମାଣ ଆରମ୍ଭ ହୋଇଥିଲା। ଉକ୍ତ କାର୍ଯ୍ୟ ଗତ ଜାନୁୟାରୀରେ ସରିବା ପରେ ଉଦ୍‌ଘାଟନ ହେବାର ଥିଲା। କିନ୍ତୁ ସେତେବେଳେ ସାଧାରଣ ନିର୍ବାଚନ ମୁଣ୍ଡ ଉପରେ ଥିବାରୁ ଉଦ୍‌ଘାଟନ ହୋଇପାରି ନ ଥିଲା। ଚଳିତମାସ ୧୪ ତାରିଖ ପ୍ରଥମ ରଜରେ ଉକ୍ତ ବିଶ୍ରାମାଗାର ଉଦ୍‌ଘାଟନ କରିବାକୁ ଧାର୍ଯ୍ୟ ହୋଇଥିଲା। ଉଦ୍‌ଘାଟକ ଭାବେ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧିର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଷ୍ଣୁଚରଣ ମିଶ୍ରଙ୍କ ନାମ ଫଳକରେ ଥିଲା। ଏଥିସହ ଫଳକ ତଳ ଧାଡ଼ିରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଉପାଧକ୍ଷା ପ୍ରଭାତୀ ନାୟକ, ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି, ସ୍ଥାନୀୟ ୧୫ନଂ ୱାର୍ଡ କାଉନସିଲର ମାନସ ବିଶ୍ୱାଳଙ୍କ ନାମ ଥିଲା। କିନ୍ତୁ ଏଥିରେ ସମ୍ବିତଙ୍କ ନାମ ନ ଥିଲା। ଏ ସମ୍ପର୍କରେ ଜାଣିବା ପରେ ସମ୍ବିତ ଓ ତାଙ୍କ ସମର୍ଥକମାନେ ଅସନ୍ତୋଷ ପ୍ରକାଶ କରିବା ସହ ପ୍ରତିବାଦ କରିଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ପୌର କର୍ତ୍ତୃପକ୍ଷ ଉଦ୍‌ଘାଟନ ପର୍ବ ବାତିଲ କରିବା ସହ ଫଳକ ଖୋଲି ଦେଇଛନ୍ତି। ଏ ସମ୍ପର୍କରେ ପୌରାଧକ୍ଷ ବିଶ୍ୱାଳ କହିଛନ୍ତି ଯେ, ଉକ୍ତ ବିଶ୍ରାମାଗାର ପାଇଁ ବିଦ୍ୟୁତ୍, ପାନୀୟଜଳ ସଂଯୋଗ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ କରିବେ। ସେଥିପାଇଁ ବନ୍ଦର ଅଧକ୍ଷଙ୍କୁ ମୁଖ୍ୟଅତିଥି କରିଥିଲୁ। ପୂର୍ବରୁ ମଧ ଅନେକ ପ୍ରକଳ୍ପ ବନ୍ଦର ଅଧକ୍ଷ ଉଦ୍‌ଘାଟନ କରିଛନ୍ତି। ବିଧାୟକଙ୍କ ଉଦ୍‌ଘାଟନ ପାଇଁ ଆଗକୁ ଆହୁରି ୩ କୋଟି ଟଙ୍କାର ପ୍ରକଳ୍ପ ଅଛି। ତେଣୁ ବିଧାୟକଙ୍କ ଶିବିର କାହିଁକି ବିରୋଧ କରୁଛନ୍ତି ତାହା ମୁଁ ଜାଣିନାହିଁ। ଅନ୍ୟପକ୍ଷରେ ସମ୍ବିତ କହିଛନ୍ତି ଯେ, ସେମିତି କିଛି ବିରୋଧ ସେ କରିନାହାନ୍ତି। ତାଙ୍କ ପାଇଁ କିଏ କ'ଣ କାହାକୁ କହିଛି ତା ମଧ ସେ ଜାଣନ୍ତି ନାହିଁ। ସେ ସପ୍ତାହେ ହେଲା ବାହାରେ ଅଛନ୍ତି। ସୂଚନାଯୋଗ୍ୟ, ୨୦୧୯ ନିର୍ବାଚନରେ ବିଜେଡି ବିଧାୟକ ଟିକେଟ ପାଇଁ ସମ୍ବିତଙ୍କ ସହ ବସନ୍ତ ମଧ ଦୌଡ଼ରେ ଥିବା ଚର୍ଚ୍ଚା ହେଉଥିଲା। ସେହିପରି ଦାମଙ୍କୁ ବିଜେଡି ବହିଷ୍କାର କରିବା ପରେ ତାଙ୍କ ଘନିଷ୍ଠ ସହଯୋଗୀ ବସନ୍ତ ତାଙ୍କୁ ଛାଡ଼ି ଦଳ ସହିତ ରହିଥିଲେ। ଏପରି କି ଦାମ ବିରୋଧୀ ବୈଠକରେ ବସନ୍ତ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ତେଣୁ ଏହା ବିବାଦର ମୂଳ କାରଣ ବୋଲି କୁହାଯାଉଛି। ତେବେ ଏହି ବିବାଦ ଆଗକୁ କି ରୂପ ନେଉଛି ତାହା ଦେଖିବାର ଅଛି।



ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ଓ ଅନ୍ୟ ଅଧିକାରୀମାନେ ନଦୀବନ୍ଧ ପରିଦର୍ଶନ କରୁଛନ୍ତି।

ଦଳେଇଘାଇ ନଦୀବନ୍ଧ ଅନୁଧ୍ୟାନ କଲେ ମୁଖ୍ୟଯନ୍ତ୍ରୀ

## ବାଲି, ଖାଲି ବ୍ୟାଗ୍ ମହଜୁଦ ରଖିବାକୁ ନିର୍ଦ୍ଦେଶ

ବିରିଡ଼ି,୧୯।୬(ଡି.ଏନ.ଏ.)

ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସଙ୍କୁ ଜଳସମ୍ପଦ ବିଭାଗ ମନ୍ତ୍ରୀ ପଦ ମିଳିବା ପରେ ଜଗତସିଂହପୁର ଜିଲାରେ ଏହି ବିଭାଗର କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ଅଧିକ୍ଷଣ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଜିଲା ପରିଦର୍ଶନରେ ଆସି ବିଭିନ୍ନ କାର୍ଯ୍ୟ ତଦାରଖ କରୁଛନ୍ତି। ଏହି କ୍ରମରେ ବନ୍ୟା ମୁକାବିଲା ପାଇଁ ବୁଧବାର ମୁଖ୍ୟଯନ୍ତ୍ରୀ ବନ୍ଧ ନିରାପତ୍ତା ବିଭାଗ ସୁନିଲ ନାୟକ, ଇଷ୍ଟର୍ନ ସର୍କଲର ଅଧିକ୍ଷଣ ଯନ୍ତ୍ରୀ ବାଲେଶ୍ୱରନାଥ ସାହୁ, ଜଗତ୍‌ସିଂହପୁର ନିର୍ବାହୀଯନ୍ତ୍ରୀ ଉମାକାନ୍ତ ମହାନ୍ତି, ବାଲିଆ ସହକାରୀ ନିର୍ବାହୀ ଯନ୍ତ୍ରୀ ଦଳପତି ମଣ୍ଡଳ ଓ ଦଳେଇଘାଇ ସହାକାରୀ ଯନ୍ତ୍ରୀ ସୁବୋଧ ମହାପାତ୍ର ପ୍ରମୁଖ ଦଳେଇଘାଇ ନଦୀବନ୍ଧ ପରିଦର୍ଶନ କରିଛନ୍ତି। ଏହି ଅବସରରେ ତୁରନ୍ତ ଦଳେଇଘାଇ ସେକ୍ସନରେ ୨୭୫ ଘନମିଟର ବାଲି, ୧୫ ହଜାର ଖାଲି ଗନି ବ୍ୟାଗ, ଶଙ୍ଖାରୀସାହି ସେକ୍ସନରେ ୪ ଶହ ଘନମିଟର ବାଲି ଓ ୩୦ ହଜାର ଖାଲି ଗନି ବ୍ୟାଗ, ବାଲିଆ ସେକ୍ସନରେ ୪ ଶହ ଘନମିଟର ବାଲି ସହ ୧୫ ହଜାର ଖାଲି ଗନି ବ୍ୟାଗ ମହଜୁଦ ରଖିବାକୁ ମୁଖ୍ୟଯନ୍ତ୍ରୀ ନାୟକ ଜଗତ୍‌ସିଂହପୁର ନିର୍ବାହୀ ଯନ୍ତ୍ରୀ ଓ ବାଲିଆ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ପ୍ରତ୍ୟେକ ସେକ୍ସନରେ କନିଷ୍ଠ ଯନ୍ତ୍ରୀମାନେ ସବୁଦିନ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯିଏ ଅଫିସ ନ ଆସି କାର୍ଯ୍ୟରେ ଖିଲାପ କରିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ପରେ ସେ ମାଛଗାଁ କନୋଲର ଦୁରାବସ୍ଥା ଦେଖିଥିଲେ। ଯେପରି କୃତ୍ରିମ ବନ୍ୟା ନ ହୁଏ, ସେଥିପ୍ରତି ସଜାଗ ରହିବାକୁ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଶାଖା, ଉପଶାଖା କେନାଲ କିପରି ସଫା କରାଯିବ ସେଥିପାଇଁ ଧ୍ୟାନ ଦେବାକୁ ଅଧୀକ୍ଷଣ ଯନ୍ତ୍ରୀ ସାହୁ ଯନ୍ତ୍ରୀମାନଙ୍କୁ କହିଛନ୍ତି।

# ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଏରସମା,୧୯।୬(ସ୍ୱ.ପ୍ର.)

ଏରସମା ସଦରମହକୁମାସ୍ଥିତ ଜଗନ୍ନାଥ ମନ୍ଦିର (ବ୍ରଜ କିଶୋର ଦେବ)ଙ୍କ ରଥଯାତ୍ରା ପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଠାକୁର ରାଜା ତଥା ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ବ୍ଲକ ଅଧକ୍ଷ ଦେବେନ୍ଦ୍ର କିଶୋର ତ୍ରିପାଠୀ, ଭରତ ଚନ୍ଦ୍ର ସ୍ୱାଇଁ, ଧିରେନ୍ଦ୍ର ରାଉତ, ମଥୁରୀ ସେଠୀ, ଶରତ ଚନ୍ଦ୍ର ବେହେରା, ଅକ୍ଷୟ କୁମାର ସ୍ୱାଇଁ, ଧିରେନ୍ଦ୍ର ଚୌଧୁରୀ, ଏରସମା ୧୦୦ଘର କମିଟିର ସଭାପତି ପ୍ରଭାକର ପଣ୍ଡା, ଧ୍ରୁବଚରଣ ସ୍ୱାଇଁ, ଇଶାନ ଖଟୁଆ, ଚନ୍ଦ୍ରଜିତ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥିରେ ଅତିଥି ଚୟନ, ଆଲୋକୀକରଣ, ପ୍ରସାଦ ପ୍ରସ୍ତୁତି, ନବ ଦିନ ବ୍ୟାପୀ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା।



ରଥଯାତ୍ରା ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

## ଜେଏମଏଫସିଙ୍କୁ ବିଦାୟ ସମ୍ବର୍ଦ୍ଧନା



କୁଜଙ୍ଗ,୧୯।୬(ସ୍ୱ.ପ୍ର.)

କୁଜଙ୍ଗ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମ୍ୟାଜିଷ୍ଟ୍ରେଟ ସୁଶ୍ରୀ ମାମୀ ବେହେରାଙ୍କୁ ବୁଧବାର ଓକିଲ ସଙ୍ଘ କାର୍ଯ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଓକିଲ ସଙ୍ଘ ସଭାପତି ଆଇନଜୀବୀ ରମେଶ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଣବ କୁମାର ରାଉତରାୟ ମୁଖ୍ୟଅତିଥି, ସବଜଜ ପ୍ରୀୟରଞ୍ଜନ ବାରିକ, ମୁନସିଫ ଶ୍ରୀମତି ବବିତା ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଦାୟୀ ଜେଏମଏଫସିଙ୍କ କାର୍ଯ୍ୟ ଦକ୍ଷତାର ପ୍ରଶଂସା କରିଥିଲେ। ଓକିଲ ସଂଘ ସମ୍ପାଦକ ସଞ୍ଜୟ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଆଇନଜୀବୀ ସୁଶନ୍ତ ପଟ୍ଟନାୟକ, ସତ୍ୟାନନ୍ଦ ବିଶ୍ୱାଳ, ପୂର୍ବତନ ସଭାପତି ଏ.ଏନ.ଡି. ଯାଦବ, ଅମୃତ ଦାସ, ଭାରତ ଭୂଷଣ ଦାସ, ନଳିନୀ ରଞ୍ଜନ ଦାସ, କୈଳାସ ମହାପାତ୍ର, ପ୍ରମୋଦ ବେହେରା, କୈଳାସ ପରିଡ଼ା, ଦାମୋଦର ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ନୃସିଂହ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଆର୍ଥିକ ସାକ୍ଷରତା ସପ୍ତାହ ପାଳିତ

ବିରିଡ଼ି,୧୯।୬(ଡି.ଏନ.ଏ.)

କୃଷକଙ୍କୁ ବ୍ୟାଙ୍କ ମାଧ୍ୟମରେ ବିଭିନ୍ନ ଯୋଜନାରେ ମିଳୁଥିବା ଋଣ ପ୍ରଦାନ, ଋଣ ପରିଶୋଧ ଓ ଚାଷ କାର୍ଯ୍ୟରେ ବୀମା ସୁବିଧା ସମ୍ପର୍କରେ ସଚେତନ କରିବା ନିମନ୍ତେ ଆର୍ଥିକ ସାକ୍ଷରତା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ବିରିଡ଼ି ବ୍ଲକ ବାଲିଆ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆର୍ଥିକ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଛି। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ବାଲିଆ ହାଟ ଶାଖା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ଶାଖା ପରିଚାଳକ ଶର୍ମିଷ୍ଠା ମହାପାତ୍ର ଯୋଗଦେଇ କୃଷକଙ୍କୁ ବ୍ୟାଙ୍କର ସୁବିଧା ସମ୍ପର୍କରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିରିଡ଼ି ବ୍ଲକ ପ୍ରଗତି ସହାୟକ ସୁରେନ୍ଦ୍ରନାଥ ଶତପଥୀ, ମିଶନ ଶକ୍ତି ସଂଯୋଜକ ବିଜୟ କୁମାର ରଣା, ଆରଏସଇଟିଆଇ ଡାଇରେକ୍ଟର ଅଞ୍ଜନ କୁମାର ବାନାର୍ଜୀ, ଏଫଏଏସି ଆନନ୍ଦ ଚନ୍ଦ୍ର ଖୁଣ୍ଟିଆ, ଓଏଲଏମର ବିଏଲସି ଅନୁସୂୟା ମହାନ୍ତି, ଗ୍ରାମ୍ୟ ବ୍ୟାଙ୍କ ଏଫଏଲସି ଈଶ୍ୱର ଚନ୍ଦ୍ର ପରିଡା, ପଞ୍ଚାୟତ ମହାସଂଘ ସଭାନେତ୍ରୀ ସରୋଜିନୀ ବେହେରା, ବ୍ୟାଙ୍କ ସହକାରୀ ପରିଚାଳକ ଚୈତନ୍ୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ୍ୟ ବ୍ୟାଙ୍କର ପ୍ରଶାନ୍ତ ନାୟକ, ମାନସ ପାଇକରାୟ, ଅରବିନ୍ଦ ଦାସ, ଯୋଗେଶ ରାୟ, ସନ୍ତୋଷ ଭୋଇ ପ୍ରମୁଖ ସହାୟତା କରିଥିଲେ।




ଆର୍ଥିକ ସାକ୍ଷରତା ଶିବିରରେ ଉପସ୍ଥିତ ବ୍ୟାଙ୍କ ଅଧିକାରୀ ଓ ଅନ୍ୟମାନେ।

# ପିକ୍‌ଅପ୍ ଧକ୍କାରେ ବାଇକ୍ ଚାଳକ ମୃତ

ରଘୁନାଥପୁର, ୧୯।୬ (ଡି.ଏନ.ଏ.)

କଟକ-ପାରାଦୀପ ରାସ୍ତାର ରଘୁନାଥପୁର ଥାନାଠାରୁ ଦୁଇଶହ ମିଟର ଦୂରରେ ମଙ୍ଗଳବାର ଏକ ପିକ୍‌ଅପ୍ ଭ୍ୟାନ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଚାନ୍ଦପୁର ଗାଁର ମନୋଜ କୁମାର ସ୍ୱାଇଁ (୪୨)। ମନୋଜ କଟକରୁ ଘରକୁ ଫେରୁଥିବାବେଳେ ବିପରିତ ପଟୁ ଆସୁଥିବା ଏକ ପିକ୍‌ଅପ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ତାଙ୍କ ମୁଣ୍ଡ ଓ ଛାତିରେ ଗୁରୁତର ଆଘାତ ଲାଗିଥିଲା। ଏସ୍‌ଆଇ ଚିନ୍ମୟ ରଞ୍ଜନ ପାଣି, ଏଏସ୍‌ଆଇ ପ୍ରମୋଦ କୁମାର ସାହୁ ପ୍ରମୁଖ ତୁରନ୍ତ ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ସ୍ଥାନୀୟ ଲୋକେ ସକାଳ ୮ଟାରୁ ମେଡିକାଲ ଛକଠାରେ ରାସ୍ତାରୋକୋ କରିଥିଲେ। ତେବେ ପୋଲିସ ପହଞ୍ଚି ବୁଝାଶୁଝା କରିବାରୁ ଅଧଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା।

# ବିପର୍ଯ୍ୟୟ ପରିଚାଳନା ପାଇଁ ମକ୍‌ଡ୍ରିଲ

ରଘୁନାଥପୁର, ୧୯।୬ (ଡି.ଏନ.ଏ.)

ରଘୁନାଥପୁର ବ୍ଲକ ସଭାକକ୍ଷରେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ମକ୍‌ଡ୍ରିଲ ବୁଧବାର ଅନୁଷ୍ଠିତ ହୋଇଛି। ଏବିଡିଓ ଅଶୋକ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ସିଡିପିଓ ଜ୍ୟୋସ୍ନାରାଣୀ ମଲ୍ଲିକ, ଏବିଇଓ ନରହରି ମିଶ୍ର, ଡବ୍ଲ୍ୟୁଇଓ ସନ୍ତୋଷ କୁମାର ପଣ୍ଡା, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡା. ପ୍ରଭାସ ଚନ୍ଦ୍ର ସ୍ୱାଇଁ, ପୋଲିସ ଏସ୍‌ଆଇ ଚିନ୍ମୟ ରଞ୍ଜନ ପାଣି ଓ ଅଗ୍ନିଶମ ବିଭାଗ ଅଧିକାରୀ ସୁରେଶ କୁମାର ବାରିକ ଯୋଗଦେଇଥିଲେ। ଅଗ୍ନିଶମ ବିଭାଗ ଅଧିକାରୀ ବାରିକଙ୍କ ନେତୃତ୍ୱରେ ୬ ଜଣିଆ ଟିମ୍ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବାତ୍ୟା ଓ ବନ୍ୟା ଭଳି ବିପର୍ଯ୍ୟୟ ଆସିବାର ଯଥେଷ୍ଟ ପୂର୍ବରୁ ଏବଂ ପରେ କି ପ୍ରକାର ସାବଧାନତା ଅବଲମ୍ବନ କରିବାକୁ ପଡିବ ସେ ସମ୍ପର୍କରେ ବୁଝାଇଥିଲେ। ଅଗ୍ନିଶମ କର୍ମଚାରୀମାନେ ଗ୍ୟାସ୍ ସିଲିଣ୍ଡର ନିଆଁରୁ ରକ୍ଷା ପାଇବାର କୌଶଳ ପ୍ରଦର୍ଶନ କରିଥିଲେ। ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ସରପଞ୍ଚମାନେ ଦାୟିତ୍ୱବାନ ହେବାକୁ ଅଧିକାରୀଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। ସରପଞ୍ଚ ସୂର୍ଯ୍ୟନାରାୟଣ ନାୟକ, ବିଜୟ ସ୍ୱାଇଁ, ବିଭିନ୍ନ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଉପସ୍ଥିତ ଥିଲେ।



ଅଙ୍ଗନୱାଡି କର୍ମୀଙ୍କୁ ନିଆଁ ଲିଭା କୌଶଳ ଶିଖାଯାଉଛି।

■ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଜିଲାସ୍ତରୀୟ ମକ୍‌ଡ୍ରିଲ

# ସଚେତନ ହେଲେ ଟଳିଯିବ ବିପଦ

ଜଗତ୍‌ସିଂହପୁର ଅଫିସ,୧୯।୬

ଲୋକେ ଚାହିଁଲେ ଅନେକ ବିପଦକୁ ଟାଳି ଦିଆଯାଇ ପାରିବ। ଏଥିପାଇଁ ସଚେତନତା ଜରୁରୀ। କେଉଁ ସମୟରେ କି ପ୍ରକାର ପ୍ରତିକାରାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ପଡିବ ସେ ବିଷୟରେ ଲୋକେ ସର୍ବନିମ୍ନ ଜ୍ଞାନ ଆହରଣ କରିବା ଆବଶ୍ୟକ। ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଅନୁଷ୍ଠିତ ଜିଲାସ୍ତରୀୟ ମକଡ୍ରିଲ କାର୍ଯ୍ୟକ୍ରମରେ ଏହା କୁହାଯାଇଛି। ଜିଲାପାଳ ଗୁହା ପୁନମ ତାପସ କୁମାରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବନ୍ୟା, ବାତ୍ୟା ମୁକାବିଲା ପାଇଁ କି ପ୍ରକାର ପ୍ରସ୍ତୁତି ହେବାକୁ ପଡିବ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ସମିତି ସଭ୍ୟାସଭ୍ୟ, ସ୍ୱେଚ୍ଛାସେବୀ ସଙ୍ଗଠନ ଦାୟିତ୍ୱବାନ ହେବାକୁ ପଡିବ। ବିପର୍ଯ୍ୟୟ ସମୟରେ କିପରି ଉଦ୍ଧାର ଓ ପ୍ରାଥମିକ ଚିକିତ୍ସା କରାଯିବା ତାହାର କୌଶଳ ପ୍ରଦର୍ଶନ କରାଯାଇଥିଲା। ଟାୱାର ଲାଇଟ୍, ଯନ୍ତ୍ରଚାଳିତ କରତ, ଜେନେରେଟର ଷ୍ଟ୍ରେଚର, ମେଗାଫୋନ୍ ଇତ୍ୟାଦିର ବ୍ୟବହାର ସମ୍ପର୍କରେ ଅଭ୍ୟାସ କରାଯାଇଥିଲା। ଜିଲା ଅଗ୍ନିଶମ ବିଭାଗ ପକ୍ଷରୁ ନିଆଁକୁ ଆୟତ କରିବା, ପାଣିରେ ବୁଡିଯିବା ବେଳେ ନିଜକୁ ରକ୍ଷା କରିବା, ଜାଳେଣୀ ଗ୍ୟାସ ଲିକ୍ ହେଲେ ନିଆଁକୁ ଆୟତ କରିବା, ଯନ୍ତ୍ରଚାଳିତ କରତ ବ୍ୟବହାର, ଆହତଙ୍କୁ ଉଦ୍ଧାର କରିବା କୌଶଳ ପ୍ରଦର୍ଶନ କରାଯାଇଥିଲା। ପାରାଦୀପ ପୋର୍ଟ ଟ୍ରଷ୍ଟର ସୁରକ୍ଷା କର୍ମଚାରୀଙ୍କ ଦ୍ୱାରା ବଡ ବଡ କୋଠାଘରେ ନିଆଁ ଲାଗିଲେ କିପରି ଆୟତ କରାଯିବ ତାହା ଦେଖାଯାଇଥିଲା। ଇଫ୍‌କୋ ପକ୍ଷରୁ ଆମୋନିଆ ଭଳି ବିପଜ୍ଜନକ ଗ୍ୟାସ୍ ଲିକ୍ ହେଲେ କିପରି ନିୟନ୍ତ୍ରଣ କରାଯିବ ତାହା ପ୍ରଦର୍ଶନ କରାଯାଇଥିଲା। ଜରୁରୀ ବିଭାଗ ଡେପୁଟି କଲେକ୍ଟର କଲ୍ୟାଣ ସୌରଭ ଦାଶ, ଫ୍ୟାକ୍ଟ୍ରି ଆଣ୍ଡ ବଏଲର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳାଇ, ସହକାରୀ ଜିଲା ଚିକିତ୍ସା ଅଧିକାରୀ ବସନ୍ତ କୁମାର ବାରିକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ବଳଦେବ ବେହେରା, ଜରୁରୀ ବିଭାଗ ଡିପିଓ ଜ୍ଞାନେନ୍ଦୁ କୁମାର ସାହୁ, ଅଗ୍ନିଶମ ଅଧିକାରୀ ତେଜ କୁମାର ଏକ୍କା, ପାରାଦୀପ ପୋର୍ଟ ଟ୍ରଷ୍ଟ ସୁରକ୍ଷା ଅଧିକାରୀ ନିରଞ୍ଜନ ପାଣିଗ୍ରାହୀ, ଭାରତୀୟ ତୈଳ ନିଗମ ଓ ଇଫ୍‌କୋର ସୁରକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାସ୍ତରୀୟ ମକ୍‌ଡ୍ରିଲ୍‌ରେ ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କୌଶଳ ପ୍ରଦର୍ଶନ କରାଯାଉଛି।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ଚାରି ବଖରା ଜଳିଗଲା

**ରାଜନଗର, ୧୯।୬(ଡି.ଏନ.ଏ.):** ରାଜନଗର ବ୍ଲକ ସାତଭାୟା ପଞ୍ଚାୟତର ବଗପାଟିଆ ଗାଁରେ ଅଗ୍ନିକାଣ୍ଡ ଘଟି ଦୁଇଟି ପରିବାରର ଚାରି ବଖରା ପୋଡି ପାଉଁଶ ହୋଇଯାଇଛି। ବଗପାଟିଆ ଗାଁର ସୁଶାନ୍ତ କୁମାର ହାଉଲି ଓ ନରେନ ମିସ୍ତ୍ରୀଙ୍କ ଘରେ ନିଆଁ ଲାଗି ଧାନ, ଚାଉଳ ଓ ସମସ୍ତ ଘରକରଣା ଆସବାବପତ୍ର ପୋଡି ଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

### ଡାକ୍ତର ନିଯୁକ୍ତି ସହ ଭିତ୍ତିଭୂମି ସଜାଡ଼ିବାକୁ ଦାବି

**କେନ୍ଦ୍ରାପଡା ଅଫିସ, ୧୯।୬:** ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ହରିଅଙ୍କ, ଚାନ୍ଦୋଳ ଓ ଦାନପୁରଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି। କର୍ମଚାରୀଙ୍କ ସମେତ ଆନୁଷଙ୍ଗିକ ଭିତ୍ତିଭୂମିର ଅଭାବ ଯୋଗୁ ଏହିସବୁ ପ୍ରାଥମିକ ସ୍ୱାସ୍ଥ୍ୟନ୍ଦ୍ରେରେ ସ୍ୱାସ୍ଥ୍ୟସେବା ଠପ୍ ହୋଇଯାଇଛି। ଫଳରେ କଟକ-ଚାନ୍ଦବାଲି ରାଜ୍ୟ ରାଜପଥରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ବେଳେ ରୋଗୀଙ୍କୁ ଏଠାରେ ପ୍ରାଥମିକ ସୁବିଧା ମିଳିପାରୁନାହିଁ। ଚାନ୍ଦୋଳସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଆୟୁଷ ଡାକ୍ତର ଅଛନ୍ତି। ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦିଆଯିବା କଥା। କିନ୍ତୁ ଏଠାକୁ ଆସୁଥିବା ଅନେକ ରୋଗୀଙ୍କୁ ଚିକିତ୍ସା କରା ନ ଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରେ ପାଇଁ ପରାମର୍ଶ ଦିଆଯାଉଛି। ଏଠାରେ ପାନୀୟ ଜଳର ସୁବିଧା ମଧ ନାହିଁ। ସ୍ୱାସ୍ଥ୍ୟକେନ୍ଦ୍ରର କେତେକ କୋଠରିରେ କବାଟ ଝରକା ନଥିବା ବେଳେ ଘର ଭିତରକୁ ବଣୁଆ ଝାଟି ମାଡ଼ି ଆସିଛି। ସେହିପରି ମୁଖ୍ୟ ଗୃହ ଛାତରୁ ପ୍ଲାଷ୍ଟର ଛାଡ଼ି ଯାଇଥିବା ବେଳେ ଡାକ୍ତର ଓ ରୋଗୀମାନେ ବାଧ ହୋଇ ବାରଣ୍ଡାକୁ ଆଶ୍ରା କରିଛନ୍ତି ବୋଲି ନିକଟସ୍ଥ ଗ୍ରାମର ରଞ୍ଜନ ମହାନ୍ତି କହିଛନ୍ତି। ବର୍ଷାଋତୁ ଆରମ୍ଭ ହେଉଥିବାରୁ ଡାକ୍ତରଙ୍କ ନିଯୁକ୍ତି ଓ ଆନୁଷଙ୍ଗିକ ଭିତ୍ତିଭୂମି ଯୋଗାଇ ଦେବାକୁ ଭୋଳହାଟର ଯୁଗଳ କିଶୋର ମହାନ୍ତିଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ଦାନପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପାଚେରି ନ ଥିବାରୁ ଏହା ବିଭିନ୍ନ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ସ୍ଥଳ ପାଲଟିଛି। ଏଥିସହ ଗୋରୁମାନେ ଏହା ଭିତରେ ବୁଲୁଥିବା ଦେଖାଯାଉଛି। ଏହିସବୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବିଭୁଦେନ୍ଦୁ ପଣ୍ଡା ମଙ୍ଗଳବାର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

### ବିଶ୍ୱଶାନ୍ତି ମହାଯଜ୍ଞ

**ବିରିଡି,୧୯।୬(ଡି.ଏନ.ଏ):** ବିରିଡ଼ି ବ୍ଲକ ଚାନ୍ଦପୁର ଦୁର୍ଗାମାଧବ ମନ୍ଦିରରେ ସୋମବାର ୨୩ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜଳଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ଗୀତା ଓ ଚଣ୍ଡୀପାଠ କରାଯାଇ ପୂର୍ଣ୍ଣାହୂତି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବାଇଧର ଶତପଥୀଙ୍କ ସହ ଗ୍ରାମବାସୀ ପରିଚାଳନା କରିଥିଲେ। ପୂର୍ଣ୍ଣାହୂତି ଦେବା ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

# ୪ ଡାକ୍ତର ପଦବୀ ଖାଲି : ରୋଗୀ ସେବା ବ୍ୟାହତ

**ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

**ରାଜନଗର,୧୯।୬(ଡି.ଏନ.ଏ.)**

ଡାକ୍ତର ଅଭାବରୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ବ୍ୟାହତ ହେଉଛି। ଫଳରେ ରୋଗୀମାନେ ଖର୍ଚ୍ଚାନ୍ତ ହୋଇ ପଟ୍ଟାମୁଣ୍ଡାଇ କିମ୍ବା ଜିଲା ମୁଖ୍ୟ ଚିକିତ୍ସାଳୟ ଯିବାକୁ ବାଧ୍ୟ ହେଉଛନ୍ତି।

ପ୍ରକାଶ ଯେ, ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ରାଜନଗର ବ୍ଲକର ୨୯ ପଞ୍ଚାୟତ , ପଟ୍ଟାମୁଣ୍ଡାଇ ବ୍ଲକର ଖଣତା, ଔପଦା, ସଂସାରଫଳ, ଚନ୍ଦନନଗର ,ଉତ୍ତିକଣ ଓ ମହାକାଳପଡା ବ୍ଲକର ଲକ୍ଷାଧିକ ଲୋକ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରିଥାନ୍ତି। ଏହିସବୁ ପଞ୍ଚାୟତ ରାଜନଗର ସୀମାରେ ଅବସ୍ଥିତ ଥିବାରୁ ପ୍ରତିଦିନ ଶତାଧିକ ରୋଗୀ ଏଠାକୁ ଚିକିତ୍ସା ଲାଗି ଆସିଥାନ୍ତି। ଏପରିସ୍ଥଳେ ଏଠାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି । ୭ ଜଣ ବଦଳରେ ୩ ଜଣ ଡାକ୍ତର ଅଛନ୍ତି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ପଦବୀ ଦୀର୍ଘଦିନ ହେବା ଖାଲିପଡିଛି। ବର୍ତ୍ତମାନ ଡା. ରଶ୍ମି ରଞ୍ଜନ ମହାନ୍ତି ମେଡିକାଲ ଅଫିସର ଦାୟିତ୍ୱରେ ରହିଛନ୍ତି। ଅନ୍ୟ ୨ଜଣ ଏମବିବିଏସ ଡାକ୍ତର କାର୍ଯ୍ୟ କରୁଛନ୍ତି। ଅନ୍ୟ ଜଣେ ଏମବିବିଏସ ମହିଳା ଡାକ୍ତର ସୁରକ୍ଷା ଅଭାବରୁ ୪ମାସ ତଳେ ଚାକିରୀରୁ ଇସ୍ତଫା ଦେଇ ଚାଲି ଯାଇଛନ୍ତି । ଏହାବାଦ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଆୟୁଷ ଡାକ୍ତର ରହିଛନ୍ତି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ ଓ ପ୍ରସୂତି ବିଭାଗ, ମେଡିସିନ, ସର୍ଜରୀ ଓ ଶିଶୁରୋଗ ବିଶେଷଜ୍ଞ ପଦବୀ ଖାଲି ପଡିଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଉଟଡୋରକୁ ଦୈନିକ ପ୍ରାୟ ଅଢେଇ ଶହରୁ ୩ଶହ ରୋଗୀ ଆସୁଥିବା ବେଳେ ଇନଡୋରରେ ଗୁରୁତର ରୋଗୀ ଆଡମିଶନ ହୋଇଥାନ୍ତି । କିନ୍ତୁ ଡାକ୍ତର ଅଭାବ ଚିକିତ୍ସା କ୍ଷେତ୍ରରେ ବାଧକ ସାଜିଛି । ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ୩ ଜଣ ଡାକ୍ତରଙ୍କ ମଧ୍ୟରୁ ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ଥିବା ଡା. ମହାନ୍ତି ଅନ୍ୟ ସରକାରୀ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ରୋଗୀ ଦେଖିବାରେ ସମସ୍ୟା ହେଉଛି । ଏହାକୁ ନେଇ ଅନେକ ସମୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେଉଛି। ନିକଟରେ ସ୍ୱାସ୍ଥ୍ୟକେନ୍ଦ୍ରର ୨ଜଣ ଏମବିବିଏସ ଡାକ୍ତର ଛୁଟିରେ ଚାଲିଯିବାରୁ ମୁଖ୍ୟ ଚିକିତ୍ସାଧିକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚଳାଇଥିଲେ। ଫଳରେ ରୋଗୀ ସେବା ବ୍ୟାହତ ହୋଇଥିଲା । ଏ ସଂପର୍କରେ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ମହାନ୍ତିଙ୍କୁ ପଚାରିବାରୁ କହିଥିଲେ ଯେ, ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବହୁ ରୋଗୀ ନିର୍ଭର କରୁଥିବାରୁ ଯଥାଶୀଘ୍ର ଖାଲି ପଡିଥିବା ୪ ଡାକ୍ତର ପଦବୀ ପୂରଣ କରିବାର ଜରୁରୀ ଆବଶ୍ୟକତା ରହିଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ସହିତ ଲାଗି ରହିଥିବା ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

## ଦୁର୍ବୃତ୍ତଙ୍କ ଦ୍ୱାରା ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଭଙ୍ଗା

# ଟାୟାର ଜାଳି ପ୍ରତିବାଦ


ପ୍ରତିମୂର୍ତ୍ତିକୁ ଭାଙ୍ଗି ଦିଆଯାଇଛି।


ଟାୟାର ଜାଳି ବିଜେଡି କର୍ମୀଙ୍କ ପ୍ରତିବାଦ।

**ରାଜନଗର,୧୯।୬(ଡି.ଏନ.ଏ.)**

ପ୍ରବାଦପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ କର୍ମଭୂମି ଥିଲା ରାଜନଗର। ସତୁରୀ ଦଶକରେ ଅନୁଷ୍ଠିତ ସାଧାରଣ ନିର୍ବାଚନ ସମୟରେ ବିଜୁବାବୁ ରାଜ୍ୟର ୫ଟି ସ୍ଥାନରେ ପ୍ରତିଦ୍ୱନ୍ଦ୍ୱିତା କରି ହାରିଥିଲେ। ପରେ ରାଜନଗର ନିର୍ବାଚନ ମଣ୍ଡଳୀରୁ ଏକ ଉପନିର୍ବାଚନରେ ଲଢ଼ି ବିଜୁବାବୁ ନିର୍ବାଚିତ ହୋଇଥିଲେ। ସେବେଠାରୁ ରାଜନଗର ଅଞ୍ଚଳବାସୀ ବିଜୁବାବୁଙ୍କ ପାଇଁ ଗର୍ବ ଅନୁଭବ କରିଥାନ୍ତି। ଅପରପକ୍ଷରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିଜୁବାବୁ ଦରଦୀ ବନ୍ଧୁ ଭାବରେ ଯେପରି ସାହାଯ୍ୟ, ସହଯୋଗର ହାତ ବଢାଇ ଥିଲେ , ତାହାକୁ ଆଜି ବି ରାଜନଗର ଅଞ୍ଚଳର ଲୋକେ ଭୁଲି ନାହାନ୍ତି । ତାଙ୍କ ପ୍ରତି ଭଲ ପାଇବା ଓ ସମ୍ମାନ ଅତୁଟ ଥିବା ବେଳେ ମଙ୍ଗଳବାର ରାତିରେ କେହି ଦୁର୍ବୃତ୍ତ ରାଜନଗରର ତ୍ରିନାଥ ବଜାର ନିକଟରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗି ଦେଇଛି। ପ୍ରତିମୂର୍ତ୍ତିର ମୁଣ୍ଡ କାଟି ଦିଆଯାଇ ହଂସୁଆ ନଦୀ କୂଳରେ ଫୋପାଡି ଦିଆଯାଇଛି। ଏହି ଖବର ଜଣାପଡିବା ପରେ ସମଗ୍ର ରାଜନଗର ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ରାଜନଗର ବ୍ଲକ ବିଜେଡି କର୍ମୀମାନେ ବୁଧବାର ରାତି ୮ଟାରେ ତ୍ରିନାଥ ବଜାର ଛକ ନିକଟରେ ଟାୟାର ଜାଳି ଏହାକୁ ଦୃଢ ବିରୋଧ କରିଥିଲେ । ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପଡ଼ିହାରୀଙ୍କ ନେତୃତ୍ୱରେ ସରପଞ୍ଚ ନିମାଇଁ ଚରଣ ରାଉତ, ଅମଲ କୁମାର ପ୍ରଧାନ, ସୁରେନ୍ଦ୍ର ରାଉତ, ନରହରି ଜେନା, ଭରତ ଚନ୍ଦ୍ର ରାଉତ, ଜୟରାମ ରାଉତ, ବାୟାଧର ସେଠୀ ପ୍ରମୁଖ ଟାୟାର ଜାଳି ପ୍ରତିବାଦ କରିଛନ୍ତି। ରାଜନଗର ବ୍ଲକ ମହିଳା ବିଜେଡି ସଭାନେତ୍ରୀ ରଶ୍ମିରଞ୍ଜିତା ସ୍ୱାଇଁ ସନ୍ଧ୍ୟାରେ ଦୁର୍ବୃତ୍ତଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ, ୨୦୧୨ ମସିହାରେ ସେତେବେଳର ବିଧାୟକ ଅଲେଖ କୁମାର ଜେନାଙ୍କ ଉଦ୍ୟମକ୍ରମେ ହଂସୁଆ ନଦୀ ତଟବର୍ତ୍ତୀ ତ୍ରିନାଥ ବଜାର ନିକଟସ୍ଥ ବିଜୁ ସ୍ମୃତି ସଂସଦ ପରିସରରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିଲା। ୨୦୧୪ରେ ସେ ଟିକେଟରୁ ବଞ୍ଚିତ ହେବା ପରେ ସେବେଠୁ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ପରିତ୍ୟକ୍ତ ଅବସ୍ଥାରେ ରହିଥିଲା।

## ବିଜେଡିର କର୍ମୀ ସମ୍ମିଳନୀ

# ସରକାର ଗଠନରେ ମହିଳାଙ୍କ ଅବଦାନ ପ୍ରଶଂସନୀୟ


ସମ୍ମିଳନୀରେ ବିଜେଡିର ନେତୃବୃନ୍ଦ।

**ମାର୍ଶାଘାଇ,୧୯।୬ (ଡି.ଏନ୍.ଏ.)**

ମାର୍ଶାଘାଇ ବ୍ଲକର ୭ ଗୋଟି ପଞ୍ଚାୟତ ପାଟକୁରା ନିର୍ବାଚନମଣ୍ଡଳୀରେ ରହିଛି। ସେଥିମଧ୍ୟରୁ ବଛରାଇ ଓ ବନ୍ଧକଟା ୨ଗୋଟି ପଞ୍ଚାୟତର କର୍ମୀ ସମ୍ମିଳନୀ ବଛରାଇ ପଞ୍ଚାୟତ ଅଫିସ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବଛରାଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦୀପ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ପର୍ଯ୍ୟବେକ୍ଷକ ତଥା ପୂର୍ବ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଯୋଗଦେଇ କହିଥିଲେ ଯେ, ଓଡିଶାରେ ୫ମ ଥର ସରକାର ଗଠନରେ ମହିଳାମାନଙ୍କର ଅବଦାନ ପ୍ରଶଂସନୀୟ । ଏଣୁ ଆଗାମୀ ନିର୍ବାଚନରେ ପାଟକୁରା ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲାଙ୍କୁ ବିଜୟୀ କରିବାରେ ମହିଳାମାନେ ମୁଖ୍ୟ ଭୂମିକା ନେବେ ବୋଲି ବିଶ୍ୱାସ ରହିଛି। ଏହି ଅବସରରେ ପାଟକୁରା ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ। ଜଟଣୀ ପୂର୍ବତନ ବିଧାୟକ ବିଭୂତି ବଳବନ୍ତରାୟ ଯୋଗଦେଇ ସୁଯୋଗକୁ ହାତଛଡ଼ା ନ କରିବା ପାଇଁ କହିଥିଲେ । ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ଯୋଗଦେଇ କହିଥିଲେ ଯେ, ପାଟକୁରାବାସୀ ବେଇମାନ ନୁହଁନ୍ତି। ଆପଣମାନଙ୍କ ଆଶୀର୍ବାଦରେ ଏହି ୨ ପଞ୍ଚାୟତରୁ ଆମେ ୨ ହଜାର ଭୋଟ ଆଗରେ ରହିବୁ । ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ କହିଥିଲେ ଯେ, ଅତୀତରେ ଯିଏ ବିକାଶକୁ ବିରୋଧ କରୁଥିଲେ ସେ ଆଜି ଆମ ସାଙ୍ଗରେ ଲଢୁଛନ୍ତି । ଯିଏ ବିଜୁ ଆଦର୍ଶକୁ ଛାଡ଼ିଛନ୍ତି ସେ ହଜି ଯାଇଛନ୍ତି । ନିର୍ବାଚନ ସମୟରେ ସବୁକଥାକୁ ଭୁଲି ଯାଇ ବିଜୁ ଜନତା ଦଳକୁ ଆଗକୁ ନେବା ପାଇଁ ଉଦ୍ୟମ କରିବାକୁ ସେ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ । ଜିଲା ବିଜେଡି ଉପସଭାପତି ପ୍ରମୋଦ କୁମାର ରଥ କହିଥିଲେ ଯେ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରତି ଆମର ଦୃଢ ବିଶ୍ୱାସ ରହିଛି । ଆଗାମୀ ନିର୍ବାଚନରେ ତାର ସୁଫଳ ମିଳିବ । ପାଟକୁରା ଆସନର ବିଧାୟକ ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ ଯୋଗଦେଇ କହିଥିଲେ ଯେ, ଢୋଲ ଭିତରେ ମୂଷା ପଶିଲା ପରି ଆଉ ବାଟ ଖୋଲା ରଖିବି ନାହିଁ କିମ୍ବା କାହାକୁ ପୂରାଇ ଦେବିନାହିଁ । ଏହି ଅବସରରେ ସେ ଜନସାଧାରଣଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ସଞ୍ଜୟ ଲେଙ୍କା , ବ୍ଲକ ଉପାଧ୍ୟକ୍ଷା ମମତା ପ୍ରଧାନ ,ଭଜକୃଷ୍ଣ ରାଉତ ,ପୂର୍ବତନ ସରପଞ୍ଚ ବିମଳେନ୍ଦୁ ସ୍ୱାଇଁ,ଉମାକାନ୍ତ ସାମନ୍ତରାୟ ,ଜୟଦେବ ପରିଡ଼ା ,ସଂଗ୍ରାମ ପରିଡ଼ା,ଶିବାନୀ କାନ୍ତ ଦାସ,ସରୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ବନ୍ଧକଟା ସମିତି ସଭ୍ୟା ଝିଲିରାଣୀ ପଣ୍ଡା ଧନ୍ୟବାଦ ଦେଇଥିଲେ ।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି

# ୪୫ ବାତ୍ୟା ଆଶ୍ରୟସ୍ଥଳରେ ମକ୍‌ଡ୍ରିଲ


ରାଜନଗର ଅଞ୍ଚଳର ଏକ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ ଅବସରରେ ସଦସ୍ୟମାନେ।

**ରାଜନଗର,୧୯।୬(ଡି.ଏନ.ଏ.)**

୧୯୯୯ ମହାବାତ୍ୟା ଓ ୨୦୦୬ରେ ଘଟିଥିବା ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟ ଓଡିଶା ଉପକୂଳରେ ଆତଙ୍କ ସୃଷ୍ଟି କରିଥିଲା। ଏହାଛଡା ଚଳିତବର୍ଷ ବାତ୍ୟା ଫନୀ ଓଡିଶାବାସୀଙ୍କ ନିଦ ହଜାଇ ଦେଇଛି। ଏ ସବୁକୁ ଦୃଷ୍ଟିରେ ରଖି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ପୂର୍ବରୁ କିପରି ଧନ ଜୀବନ ସୁରକ୍ଷିତ ରହିପାରିବ, ସେଥିପାଇଁ ସମୁଦ୍ର କୂଳିଆ ଅଞ୍ଚଳରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି। ବାତ୍ୟା ଆଶ୍ରୟସ୍ଥଳୀଗୁଡିକରେ ପରିଚାଳନା କମିଟି ପକ୍ଷରୁ ମକ୍‌ଡ୍ରିଲ ମାଧ୍ୟମରେ ସଚେତନତା କରାଯାଇଛି। ବୁଧବାର ରାଜନଗରରେ ଥିବା ଓସଡ଼ମାର ୩୫ ଓ ରେଡ଼କ୍ରସର ୧୦ଟି ବାତ୍ୟା ଆଶ୍ରୟସ୍ଥଳୀରେ ମକଡ୍ରିଲ କରାଯାଇଛି। ଏନଡିଆରଏଫ ପକ୍ଷରୁ ପ୍ରସନପୁର ବାତ୍ୟା ଆଶ୍ରୟସ୍ଥଳରେ ମକ୍‌ଡ୍ରିଲ ପ୍ରଦର୍ଶନ କରାଯାଇଥିଲା। ରାଜନଗର ବାତ୍ୟା ଆଶ୍ରୟସ୍ଥଳରେ ସରପଞ୍ଚ ପ୍ରଭାତ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ କମିଟି ସଦସ୍ୟମାନେ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ।

# ମୌଳିକ ସମସ୍ୟାରୁ ବଞ୍ଚିତ ଅଳପୁଆ ପଞ୍ଚାୟତବାସୀ

**ପଟ୍ଟାମୁଣ୍ଡାଇ, ୧୯।୬ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ବ୍ଲକର ଅଳପୁଆ ପଞ୍ଚାୟତରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ସମସ୍ୟା ଲାଗି ରହିଛି । ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଗଲେ ମଧ କୌଣସି ସୁଫଳ ମିଳୁନାହିଁ। ଫଳରେ ପଞ୍ଚାୟତବାସୀ ଘୋର ଅସୁବିଧା ମଧ୍ୟରେ ଦିନ କାଟୁଛନ୍ତି। ପ୍ରକାଶ ଯେ, ଅଳପୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ଶତାଧିକ ରୋଗୀ ନିର୍ଭର କରୁଥିବା ବେଳେ ସେଠାରେ ଡାକ୍ତର ନାହାନ୍ତି । ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଆୟୁଷ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ସପ୍ତାହକୁ ମାତ୍ର ସେ ୨ ଥର ଆସନ୍ତି। ଅଧିକାଂଶ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଔଷଧ, ସାଲାଇନ୍, ଇଞ୍ଜେକସନ ଆଦି ମିଳୁ ନାହିଁ । ସେହିପରି ପାନୀୟ ଜଳ ସମସ୍ୟା ଲାଗି ରହିଛି । ଲୋକେ ପିଇବା ପାଣି ନ ପାଇ ତହଳବିକଳ ହେଉଛନ୍ତି । ବିଶ୍ୱାଳ ସାହି ନଳକୂପ , ହାଇସ୍କୁଲ ଭିତର ନଳକୂପ ଅଚଳ ହୋଇ ପଡିଥିବା ବେଳେ ନନ୍ଦଲାଲ୍ ପାଟଣା ,ସୁବଳପୁର, ମଠ ମଳିକସାହି ନଳକୂପ ଅଚଳ ହୋଇପଡିଛି । ଅଳପୁଆ ଠାରେ ଓଭରହେଡ୍ ପାଣି ଟାଙ୍କି ଥିଲେ ମଧ ଶାସନ ଗ୍ରାମକୁ ପାଇପ୍ ସଂଯୋଗ ଥାଇ ବି ପାଣି ଯାଉନାହିଁ । ସେହିପରି ମିଶ୍ରବାଗ, ପାହାନ୍ତା ସିଂସାହି, ବିଶ୍ୱାଳ ସାହି ଅଞ୍ଚଳକୁ ପାଇପ୍ ପାଣି ଯିବାରେ ଘୋର ସମସ୍ୟା ଦେଖାଦେଇଛି । ବିଦୁପା, ସୁବଳପୁର, ଗୋଜିଆକଣ, ମଣିରାମପୁର ପ୍ରଭୃତି ଗ୍ରାମରେ ନଳକୂପ ନାହିଁ । ଲୋକେ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି ।

ଅଳପୁଆ ହାଇସ୍କୁଲ ଓ ନୋଡାଲ୍ ୟୁପି ସ୍କୁଲ ଗୋଟିଏ ପରିସରରେ ଥିବା ସ୍ଥଳେ ଏଠାରେ ସରକାରଙ୍କ ସ୍କୁଲ ମିଶ୍ରଣ ଯୋଜନା ବିଫଳ ହୋଇଛି । ସେହିପରି ଶାସନ ପ୍ରାଥମିକ ସ୍କୁଲ ସହିତ ଅନ୍ୟ ପ୍ରାଥମିକ ସ୍କୁଲରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି । ନିକଟରେ ସରପଞ୍ଚ ରମେଶ ଦାସ, ରବୀନ୍ଦ୍ର ଧଳ, ନରେନ୍ଦ୍ର ଧଳ, ବାବୁରାମ ଧଳ, ଦେବେନ୍ଦ୍ର ବିଶ୍ୱାଳ, ବୃଷଭାନୁ ଧଳ, ମନୋରଞ୍ଜନ ନାଥ, ଜିତେନ୍ଦ୍ର ସାହୁ, ବିଦ୍ୟାଧର ଧଳ, ବିକ୍ରମ ଜେନା, ପ୍ରଶାନ୍ତ ସାହୁ, ଶ୍ରୀଧର ସାହୁ, ରବୀନ୍ଦ୍ର ଦାସ, ପ୍ରବୀର ସାହୁଙ୍କ ସମେତ ଶତାଧିକ ପଞ୍ଚାୟତବାସୀ କେନ୍ଦ୍ରାପଡା ଜିଲାପାଳଙ୍କୁ ଭେଟି ସମସ୍ୟାର ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଯଥାଶୀଘ୍ର ବିହିତ ପ୍ରତିକାର କରା ନ ଗଲେ ଆଗାମୀ ଦିନରେ ପଞ୍ଚାୟତବାସୀ ସମୂହ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି ।

# ୧୯୯୫ ମାଟ୍ରିକ ବ୍ୟାଚ ବନ୍ଧୁ ମିଳନ

**ନାଉଗାଁ,୧୯।୬(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଗୋପବନ୍ଧୁ ସ୍ମାରକୀ ବିଦ୍ୟାପୀଠ ତିରୁଣାରେ ୧୯୯୫ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ବ୍ୟାଚର ବହୁ ଛାତ୍ରୀଛାତ୍ର ଯୋଗଦେଇ ଅତିତର ସ୍ମୃତି ବଖାଣିବା ସହ ବିଦ୍ୟାଳୟର ଉନ୍ନତି ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରହଲ୍ଲାଦ ପରିଡ଼ା, ସୁରେଶ ବେହୁରା, କାଜଲ ସ୍ୱାଇଁ, ନିବେଦିତା ନାୟକ ପ୍ରମୁଖ ବହୁ ଛାତ୍ରୀଛାତ୍ର ଯୋଗ ଦେଇ ପ୍ରତିବର୍ଷ ଏଭଳି ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରିବାକୁ କହିଥିଲେ।

# ରାଜନଗରରେ କଂଗ୍ରେସର ମାନସ ମନ୍ଥନ ବୈଠକ


ବୈଠକରେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଓ ଅନ୍ୟମାନେ।

**ରାଜନଗର,୧୯।୬(ଡି.ଏନ.ଏ.)**

ରାଜନଗର ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ବୁଧବାର କଂଗ୍ରେସର ମାନସ ମନ୍ଥନ ବୈଠକ ଅନୁଷ୍ଠିତ ହୋଇଯାଇଛି। ୩୦ ନମ୍ବର ଜୋନ କଂଗ୍ରେସ ସଭାପତି ଅଶୋକ କୁମାର ବଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଯୋଗଦେଇ ଦଳର ପରାଜୟରେ ଭାଙ୍ଗି ନ ପଡି କାମ କରିବାକୁ କର୍ମୀମାନଙ୍କୁ ସାହାସ ଦେଇଥିଲେ। ବୈଠକରେ ଇଭିଏମ ଟ୍ୟାମ୍ପରିଙ୍ଗ ପାଇଁ ପରାଜୟ ବରଣ କରିବାକୁ ପଡିଲା ବୋଲି କର୍ମୀମାନେ ମତ ଦେଇଥିଲେ। ଏଥିସହ ସଂଗଠନକୁ କିପରି ସୁଦୃଢ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ପ୍ରତି ପଞ୍ଚାୟତରେ ସମୀକ୍ଷା ବୈଠକ କରାଯିବ। ପଞ୍ଚାୟତସ୍ତରୀୟ ଏହିସମୀକ୍ଷା ବୈଠକରେ ପଞ୍ଚାୟତରେ ସଂଗଠନକୁ କିପରି ସୁଦୃଢ କରାଯିବ ସେ ନେଇ ବିସ୍ତୃତ ଭାବରେ ଆଲୋଚନା କରାଯିବ। ବ୍ଲକସ୍ତରୀୟ କଂଗ୍ରେସ କମିଟିକୁ ସକ୍ରିୟ କରାଯିବ। ଯୁବକମାନଙ୍କୁ ଦଳରେ ଦାୟିତ୍ୱ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ କଂଗ୍ରେସ ନେତା ଅରୁଣ କୁମାର ରାଉତ, ରଞ୍ଜନ କୁମାର ମହାନ୍ତି, ଦିଲିପ କୁମାର ସିଂ, ସନ୍ତୋଷ କୁମାର ମହାନ୍ତି, ପ୍ରଭାତ ଚନ୍ଦ୍ର ମିଶ୍ର, ସୁନିଲ କୁମାର ରାଉଳ, ବିମଳ କୁମାର ବିଶ୍ୱାଳ, ଦେବେନ୍ଦ୍ର କୁମାର ଜେନା, ରବି ନାରାୟଣ ଲେଙ୍କା, ବନମାଳୀ ସ୍ୱାଇଁ , ମୁନା ତାଡୁ ପ୍ରମୁଖ କଂଗ୍ରେସର ପରାଜୟର କାରଣ ଓ ସଂଗଠନକୁ ସୁଦୃଢ କରିବା ପାଇଁ କଣ କରାଯିବା ଆବଶ୍ୟକ ସେ ନେଇ ମତ ରଖିଥିଲେ। ସାଧାରଣ ନିର୍ବାଚନ ଫଳାଫଳ ଘୋଷଣା ହେବା ପର ଠାରୁ କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ରାଜନଗର ଆସି ନ ଥିଲେ । ସେ ବୁଧବାର ଭୁବନେଶ୍ୱରରୁ ଆସି ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ପରେ ପୂର୍ବତନ ବିଧାୟକ ମହାନ୍ତି ବ୍ରାହ୍ମଣସାହି ଓ ତାଳଚୁଆ ଅଞ୍ଚଳ ଗସ୍ତ କରି କଂଗ୍ରେସ କର୍ମୀମାନଙ୍କ ସହ ଆଲୋଚନା କରିଥିଲେ ।

## ପଟ୍ଟାମୁଣ୍ଡାଇରେ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଲାଗି ସଜାଗ ରହିବାକୁ ପରାମର୍ଶ


ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ କରାଯାଉଛି।

**ପଟ୍ଟାମୁଣ୍ଡାଇ,୧୯।୬ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀରେ ବୁଧବାର ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଓଏସଡିଏମଏ )ସହଯୋଗରେ ବ୍ଲକ ପରାମର୍ଶ କମିଟି ଓ ନୋଡାଲ ଏନ୍‌ଜିଓ ଅନ୍ୱେଷଣର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୬ଟି ବାତ୍ୟା ଓ ୪ଟି ବନ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ମୁକାବିଲା କିପରି କରାଯିବ କର୍ମଚାରୀମାନେ ମକ୍‌ଡ୍ରିଲ୍ ମାଧ୍ୟମରେ ପ୍ରଦର୍ଶନ କରିଥିଲେ । ଆଶ୍ରୟସ୍ଥଳରେ ସ୍ଥାନୀୟ ଯୁବତୀଯୁବକମାନଙ୍କ ସହିତ ଟ୍ୟାକ୍ସଫୋର୍ସ କମିଟି ସଦସ୍ୟମାନେ ବିଭିନ୍ନ ପ୍ରକାର ମକ୍‌ଡ୍ରିଲ୍ ପ୍ରଦର୍ଶନ କରିଥିଲେ । ସେଠାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା କମିଟିର ସଭ୍ୟାସଭ୍ୟ , ଏସଏଚ୍‌ଜି ସଭ୍ୟା , ଗ୍ରାମ୍ୟ କମିଟିର ସଭ୍ୟାସଭ୍ୟ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ମକ୍‌ଡ୍ରିଲ୍ ଦେଖିଥିଲେ । ମକ୍‌ଡ୍ରିଲ୍‌ରେ ପଟ୍ଟାମୁଣ୍ଡାଇ ବିଡିଓ ପବିତ୍ର ମୋହନ କାନୁନ୍‌ଗୋ, ବ୍ଲକ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ବ୍ଲକ ସଂପ୍ରସାରଣ ଅଧିକାରୀ ଚନ୍ଦ୍ରକାନ୍ତି ବେହୁରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉଦାର ସୁନ୍ଦର ସାହୁ, ଜିଲା ପ୍ରକଳ୍ପ ଅଧିକାରୀ ଅଜୟ ମହାନ୍ତି, ଓସଡମା ଜିଏମ୍ ସତ୍ୟଜିତ୍ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ବର୍ଷା ଋତୁରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ସମସ୍ତେ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ । ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀ କଜଳବନ୍ଧ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ୍ ପ୍ରଦର୍ଶନ କରିଥିଲେ । ସାତକୁଡିଆ, ବଢେଇପଡା, କୋରିଆପଲ୍ଲା, ଶଙ୍ଖପୁର, କଜଳବନ୍ଧ, ଶ୍ରୀରାମପୁର, ବଳଭଦ୍ରପୁର, ଦାଣ୍ଡିସାହି, ସିଂହଗାଁ ପ୍ରଭୃତି ବାତ୍ୟା ବନ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ୍ ପ୍ରଦର୍ଶନ କରାଯାଇଥିଲା । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନ୍ୱେଷଣ ସମ୍ପାଦକ ଅନନ୍ତ କର, ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀର ସମ୍ପାଦକମାନଙ୍କ ସହିତ ସ୍ଥାନୀୟ ସରପଞ୍ଚମାନେ ଯୋଗ ଦେଇ ସହଯୋଗ କରିଥିଲେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଜୁନ୍ ୨୦/୨୦୧୯ Bhubaneswar, Thursday, June 20/2019

## ସଂକ୍ଷେପରେ

### ମା'କୁ ଖୋଜୁଛି ଛୁଆ ହାତୀ

**କେନ୍ଦୁଝର,୧୯।୬ (ସ୍ୱ.ପ୍ର./ଡି.ଏନ.ଏ.)-** କେନ୍ଦୁଝର ବନଖଣ୍ଡ ଭୂୟାଁ ଓ ଜୁଆଙ୍ଗ ପୀଢ ବନାଞ୍ଚଳ କାଞ୍ଜିପାଣି ଜଙ୍ଗଲରେ ଗୋଠରେ ଥିବା ମା'ଠାରୁ ଅଲଗା ହୋଇ ବାଟବଣା ହୋଇ ଏଣେତେଣେ ବୁଲୁଥିବା ଏକ ହାତୀ ଛୁଆ ମା ପାଖକୁ ଯାଉ ନ ଥିବାରୁ ବନ ବିଭାଗକୁ ନାକେଦମ ହେବାକୁ ପଡିଛି। ହାତୀ ଛୁଆଟି ମା' ପାଖକୁ ଯାଇ ନ ପାରି ଏଣେତେଣେ ଘୁରିବୁଲୁଥିବା ଜଣାପଡିଛି । ହାତୀ ଛୁଆର ବୟସ ଦେଢ ବର୍ଷ ହେବ ବୋଲି କୁହାଯାଉଛି। ସେ ଗତ ମଙ୍ଗଳବାରଠୁ ମା'ଠାରୁ ଅଲଗା ହୋଇ ବୁଲୁଥିବା ସ୍ଥାନୀୟ ଲୋକ ଦେଖିବା ପରେ ବନ ବିଭାଗକୁ ଜଣାଇଥିଲେ । ହାତୀଟି କିଛି ଖିଆପିଆ କରୁ ନ ଥିବାରୁ ବନ ବିଭାଗ କର୍ମଚାରୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ତାର କୌଣସି କ୍ଷତି ନ ହେବ ସେ ନେଇ ବନ ବିଭାଗ ପକ୍ଷରୁ ୧୫ ଜଣିଆ ଏକ ସ୍କ୍ୱାର୍ଡ ଗଠନ କରି ନଜର ରଖିବା ସହ ମା' ହାତୀ ପାଖକୁ ଫେରାଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ୭ଟି ହାତୀ ବିଶିଷ୍ଟ ଏକ ଦଳରୁ ହାତୀ ଛୁଆ ଅଲଗା ହୋଇଥିବା ବେଳେ ସେମାନେ ଅନ୍ୟ ଅଞ୍ଚଳକୁ ଚାଲିଯାଉଥିବାରୁ ବନ ବିଭାଗ ଚିନ୍ତାରେ ରହିଛନ୍ତି। ଏସମ୍ପର୍କରେ ବନାଞ୍ଚଳ ଅଧିକାରୀ ମୁକ୍ତିକାନ୍ତ ପରିଡା କହିଛନ୍ତି ଯେ, ଉକ୍ତ ରେଞ୍ଜରେ ୩/୪ଟି ଗ୍ରୁପରେ ୪୫ ହାତୀ ବିଚରଣ କରୁଛନ୍ତି। ସେମାନଙ୍କ ମଧ୍ୟରୁ ୭ ଜଣିଆ ଗ୍ରୁପରୁ ଏହି ହାତୀଟି ଅଲଗା ହୋଇ ବୁଲୁଛି । ହାତୀଟି ବଡ ଅଛି ଏବଂ ନିଜେ ଖାଇ ପିଇ ପାରୁଛି । ତେଣୁ ସମସ୍ୟା ନାହିଁ ତଥାପି ଏହାର ଗତିବିଧି ଉପରେ ନଜର ରଖାଯାଇଛି।

## ■ ଜିଲା ଯୋଗାଣ ବିଭାଗରେ ଦୁର୍ନୀତି ଅଭିଯୋଗ ପ୍ରସଙ୍ଗ

# ଅଭିଯୋଗକାରୀଙ୍କୁ ଭୂତ ବୋଲି ଦର୍ଶାଇଲେ ସିଏସ୍‌ଓ

**ଯାଜପୁର ଅଫିସ,୧୯।୬**

ଯାଜପୁର ଜିଲା ଯୋଗାଣ ବିଭାଗରେ ଦୁର୍ନୀତି ନେଇ ବହୁବାର ଅଭିଯୋଗ ହୋଇ ଆସିଛି। ଏପରି କି ଏଥିରେ ବିଭାଗୀୟ ଅଧିକାରୀଙ୍କ ସମ୍ପୃକ୍ତ ରହିଥିବା ନେଇ ପୂର୍ବରୁ ମଧ୍ୟ ପ୍ରମାଣିତ ହୋଇସାରିଛି। ଏହାସତ୍ତ୍ୱେ ଯୋଗାଣ ବିଭାଗରେ ଦୁର୍ନୀତି ଜାରି ରହିଛି। ମିଲର୍ସ ଓ ଠିକାଦାରଙ୍କ ସହ ମିଶି ବିଭାଗୀୟ ଅଧିକାରୀମାନେ ସଲାସୁତୁରା ହୋଇ କାର୍ଯ୍ୟ କରୁଛନ୍ତି। ଏନେଇ ବିଭିନ୍ନ ମହଲରେ ଅଭିଯୋଗ ମଧ୍ୟ ହେଉଛି। କିନ୍ତୁ ବିଭାଗୀୟ ସହକର୍ମୀଙ୍କୁ ବଞ୍ଚାଇବାକୁ ଯାଇ ଉକ୍ତ ଅଭିଯୋଗକୁ ମିଥ୍ୟା ବୋଲି ତଦନ୍ତ ରିପୋର୍ଟ ଦିଆଯାଉଛି। ଆକାଉଣ୍ଟ ସେକ୍ସନରେ ମନମାନି, ମିଲର୍ସଙ୍କୁ ଜାଣିଶୁଣି ହଇରାଣ, ବ୍ୟାପକ ପିସି କାରବାର ଓ ଦୁର୍ନୀତି ନେଇ ହୋଇଥିବା ଅଭିଯୋଗ ଉପରେ ତଦନ୍ତ କରି ଜିଲା ଯୋଗାଣ ଅଧିକାରୀ(ସିଏସ୍‌ଓ) ଗତ ମାସ ୧୫ ତାରିଖରେ ଯୋଗାଣ ନିଗମର ଜେନେରାଲ ମ୍ୟାନେଜରଙ୍କୁ ଏକ ରିପୋର୍ଟ ପ୍ରଦାନ କରିଛନ୍ତି। ଉକ୍ତ ରିପୋର୍ଟରେ ଅଭିଯୋଗକୁ ମିଥ୍ୟା ଓ ମନଗଢ଼ା ବୋଲି କହିବା ସହିତ ଏହି ଅଭିଯୋଗ ପଛରେ ବିଭାଗର ଜଣେ ଅଧିକାରୀଙ୍କ ହାତ ରହିଥିବା ଉଲ୍ଲେଖ କରିଛନ୍ତି।

ପତ୍ର ସଂଖ୍ୟା ୧୮୯୧/ ୧୫।୫।୨୦୧୯ରେ ସିଏସ୍‌ଓ ସୁରେନ୍ଦ୍ର କୁମାର ହୋତା ଯୋଗାଣ ନିଗମ ମ୍ୟାନେଜରଙ୍କୁ ଦେଇଥିବା ରିପୋର୍ଟରେ ଦର୍ଶାଇଛନ୍ତି ଯେ, ଆକାଉଣ୍ଟ ସେକ୍ସନର ସହକାରୀ ମ୍ୟାନେଜର ବିପିନବିହାରୀ ପ୍ରଧାନଙ୍କ ବିରୋଧରେ ବସନ୍ତ କୁମାର ସାହୁ ନାମକ ଯେଉଁ ବ୍ୟକ୍ତି ଅଭିଯୋଗ ଆଣିଥିଲେ, ସେଭଳି କୌଣସି ବ୍ୟକ୍ତି ଯାଜପୁର ଜିଲାରେ ନାହାନ୍ତି। ଜିଲା ଯୋଗାଣ ବିଭାଗର ସିନିୟର ଆକାଉଣ୍ଟାଣ୍ଟ ଜୟକୃଷ୍ଣ ବେହେରା ଏକ ଭୂତ ନାମରେ ଏଭଳି ଅଭିଯୋଗ କରିଥିଲେ। ଏପରି କି ବେହେରା ମିଥ୍ୟା ଅଭିଯୋଗ କରିବାକୁ ଅନ୍ୟମାନଙ୍କୁ ପ୍ରୋତ୍ସାହନ ଦେଉଛନ୍ତି । ବିଭାଗୀୟ ଗୋପନୀୟତା ବାହାରକୁ ସେ ପ୍ରକଟ କରିବା ସହ ସାମାଜିକ କର୍ମୀ ଅକ୍ଷୟ କୁମାର ଦାସ ଓ ବସନ୍ତ କୁମାର ସାହୁଙ୍କ ନାମରେ ମିଥ୍ୟା ଅଭିଯୋଗ ତିଆରି କରିଛନ୍ତି । ଯାହାକି ବିଭାଗୀୟ କାର୍ଯ୍ୟକୁ ବାଧା ଦେଉଛି ବୋଲି ସିଏସ୍‌ଓ ପତ୍ରରେ କହିଛନ୍ତି । ପ୍ରଧାନଙ୍କ ବିରୋଧରେ ହୋଇଥିବା ସମସ୍ତ ଅଭିଯୋଗ ତଦନ୍ତ ସମୟରେ ଭୁଲ୍ ପ୍ରମାଣିତ ହୋଇଛି। ତେଣୁ ପ୍ରଧାନଙ୍କ ବିରୋଧରେ ତଦନ୍ତର ଆବଶ୍ୟକ ନାହିଁ ବୋଲି ସିଏସ୍‌ଓ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ତେବେ ଯୋଗାଣ ବିଭାଗରେ ସହକାରୀ ମ୍ୟାନେଜର ପ୍ରଧାନଙ୍କ ଦ୍ୱାରା ହେଉଥିବା ବ୍ୟାପକ ଦୁର୍ନୀତିକୁ ସିଏସ୍‌ଓ ନିଜେ ଉସୁକାଉଥିବାରୁ ତାକୁ ଘଣ୍ଟ ଘୋଡାଇବାକୁ ଏଭଳି ସୁପରିକଳ୍ପିତ ରିପୋର୍ଟ ଦାଖଲ ହୋଇଥିବା ଅଭିଯୋଗ ଉଠିଛି। ଏହାର ବିଭାଗୀୟ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ ସମେତ ଭିଜିଲାନ୍ସ ତଦନ୍ତ କରାଗଲେ ବାସ୍ତବ ଚିତ୍ର ଲୋକଲୋଚନକୁ ଆସି ପାରିବ ବୋଲି ସାଧାରଣରେ ଦାବି ହେଉଛି।

■ ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀ କଲେ ତଦନ୍ତ

■ ବିଭାଗୀୟ ଅଧିକାରୀଙ୍କୁ ସୁରକ୍ଷା ଦେବାକୁ ଯୋଜନା

■ ଉଚ୍ଚସ୍ତରୀୟ କିମ୍ବା ଭିଜିଲାନ୍ସ ତଦନ୍ତ ଦାବି

ସୂଚନାଯୋଗ୍ୟ ଯେ, ଗତ ମାର୍ଚ୍ଚ ମାସରେ ଜିଲାର ଜଣେ ସମାଜସେବୀ ଅକ୍ଷୟ କୁମାର ଦାସ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ବିଭାଗୀୟ ଜେନେରାଲ ମ୍ୟାନେଜର ନରହରି ସେଠୀ ତାଙ୍କ ପତ୍ରସଂଖ୍ୟା ୩୮୪୮/୧୩।୩।୨୦୧୯ରେ ଯାଜପୁର ଜିଲା ଯୋଗାଣ ଅଧିକାରୀଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ହେଲେ କୌଣସି ସୁଫଳ ମିଳି ପାରି ନ ଥିଲା। ଏହାପରେ ଜିଲା ଯୋଗାଣ ବିଭାଗ ଆକାଉଣ୍ଟ ସେକ୍ସନରେ ବ୍ୟାପକ ଅନିୟମିତା ହେଉଥିବା ସଂକ୍ରାନ୍ତରେ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କୁ ପୁଣି ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ସ୍ମାରକପତ୍ରରେ ଦର୍ଶାଯାଇଥିଲା ଯେ, ଯାଜପୁର ଜିଲା ଯୋଗାଣ ବିଭାଗରେ ସହକାରୀ ମ୍ୟାନେଜର (ଆକାଉଣ୍ଟସ) ପ୍ରଧାନ ଯୋଗଦାନ କରିବା ଦିନଠାରୁ ମନମୁଖି କାର୍ଯ୍ୟ ବୃଦ୍ଧି ହୋଇଛି । ଜିଲା ଯୋଗାଣ ଅଧିକାରୀ ସହକାରୀ ମ୍ୟାନେଜର ପ୍ରଧାନଙ୍କ ଇଙ୍ଗିତରେ ପରିଚାଳିତ ହେଉଛନ୍ତି। ବିଲ୍ ପାସ ହେବା ପରେ ଏହି ଦୁଇ ଅଧିକାରୀ ମିଲର୍ସ ଓ ଠିକାଦାରଙ୍କ ନିକଟରୁ ମୋଟା ଅଙ୍କର ପିସି ନେଇ ଭାଗବଣ୍ଟା କରିଥାନ୍ତି। ଏନେଇ ଚାଷୀ ପ୍ରତିବାଦ କଲେ ଜିଲା ଓ ରାଜ୍ୟସ୍ତରର ଅଧିକାରୀଙ୍କୁ ସନ୍ତୁଷ୍ଟ କରିବାକୁ ଏହି ଟଙ୍କା ଦିଆଯାଇଥାଏ ବୋଲି ସହକାରୀ ମ୍ୟାନେଜର ପ୍ରକାଶ କରିଥାନ୍ତି । ଯେଉଁ ମିଲର୍ସ ପିସି ଦେବାରେ ମନା କରିଥାନ୍ତି ସେମାନଙ୍କ ଚାଉଳ ଡେଲିଭରି ସମୟରେ ଉଦ୍ଦେଶ୍ୟମୂଳକ ଭାବେ ବିଳମ୍ବ କରିଥାନ୍ତି। ଏଭଳି ଅନେକ ଦୁର୍ନୀତି ଓ ଅନିୟମିତତା ଚାଲିଥିଲେ ହେଁ ଜିଲା ଯୋଗାଣ ଅଧିକାରୀ ଆଖି ବୁଜି ଦେଇଛନ୍ତି । ଏପରି କି ପୂର୍ବରୁ ସଂଗ୍ରହ ନିରୀକ୍ଷକ (ପିଆଇ), ହ୍ୟାଣ୍ଡଲିଂ କଣ୍ଟ୍ରାକ୍ଟର, ଲେଭଲ-୧ ଓ ଲେଭଲ-୨ ଠିକାଦାରଙ୍କୁ ବ୍ଲାକମେଲିଂ କରି ନିଗମ ମୁଖ୍ୟକାର୍ଯ୍ୟାଳୟର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନାମରେ ମାସିକ ଲକ୍ଷାଧିକ ଟଙ୍କା ଅସୁଲ କରାଯାଉଥିବା ଅଭିଯୋଗ ହୋଇଥିଲା। ଏନେଇ ବିଭାଗ ପକ୍ଷରୁ ପୂର୍ବରୁ ତଦନ୍ତ ନିର୍ଦ୍ଦେଶ ହୋଇଥିଲେ ହେଁ ଦୁର୍ନୀତିରେ ଭାଗୀଦାରୀ ସାଜିଥିବା ଅଧିକାରୀ ନିଜେ ତଦନ୍ତ କରିଥିବାରୁ ତାହା ବାଟବଣା ହୋଇଥିବା ମତପ୍ରକାଶ ପାଇଛି । ତେଣୁ ଏହି ଦୁର୍ନୀତି ଅଭିଯୋଗ ଉପରେ ନିରପେକ୍ଷ ତଦନ୍ତ କରିବାକୁ ଦାବି ହୋଇଛି। ଉକ୍ତ ଅଭିଯୋଗକୁ ଭିତ୍ତି କରି ଯୋଗାଣ ନିଗମର ଜେନେରାଲ ମ୍ୟାନେଜର ସେଠୀ ଦ୍ୱିତୀୟ ଥର ପତ୍ରସଂଖ୍ୟା ୬୧୨୦/୨୪।୪।୨୦୧୯ରେ ଜିଲା ଯୋଗାଣ ଅଧିକାରୀଙ୍କୁ ଅଭିଯୋଗର ସତ୍ୟାସତ୍ୟ ଅନୁସନ୍ଧାନ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶକୁ ଆଧାର କରି ସିଏସ୍‌ଓ ବିଭାଗୀୟ ଅଧିକାରୀଙ୍କୁ ସୁରକ୍ଷା ଦେବାକୁ ଏଭଳି ରିପୋର୍ଟ ପ୍ରସ୍ତୁତ କରିଥିବା ଅଭିଯୋଗ ହେଉଛି। ଏନେଇ ସିଏସ୍‌ଓ ହୋତା ଏବଂ ସହକାରୀ ମ୍ୟାନେଜର ପ୍ରଧାନଙ୍କ ମତାମତ ନେବାକୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ହେଁ ତାହା ସମ୍ଭବ ହୋଇପାରି ନାହିଁ।

## ୧୪ଶହ ଲିଟର ସ୍ପିରିଟ୍ ଜବତ, ଜଣେ ଗିରଫ



ଜବତ ହୋଇଥିବା ୨୮ ପ୍ଲାଷ୍ଟିକ୍ ଜାରରେ ଭର୍ତ୍ତି ସ୍ପିରିଟ୍ ।

**ସୋର, ୧୯।୬ (ଡି.ଏନ୍.ଏ):** ବୁଧବାର ସକାଳେ ଭ୍ରାମ୍ୟମାଣ ଅବକାରୀ ଟିମ୍ ସହ ସୋର ଓ ନୀଳଗିରି ଅବକାରୀ ବିଭାଗ କର୍ମଚାରୀ ମିଳିତ ଭାବେ ବାଲେଶ୍ୱର ଜିଲା ସିମୁଳିଆ ଥାନା ଅନ୍ତର୍ଗତ ପଟିଆପଡାରେ ଚଢାଉ କରି ନକଲି ବିଦେଶୀ ମଦ ପ୍ରସ୍ତୁତରେ ବ୍ୟବହୃତ ହେଉଥିବା ୧୪୦୦ ଲିଟର ରାକ୍ଟିଫାଏଡ୍ ସ୍ପିରିଟ୍ ଜବତ କରିଛନ୍ତି। ଏହି ଘଟଣାରେ ଗ୍ରାମର ସତ୍ୟରଞ୍ଜନ ପଣ୍ଡୁଆଙ୍କୁ ଗିରଫ କରାଯାଛି। ଚଢ଼ାଉ ବେଳେ ତାଙ୍କ ଘରେ ୨୮ଟି ପ୍ଲାଷ୍ଟିକ୍ ଜାରରେ ୫୦ ଲିଟର କରି ଏହି ସ୍ପିରିଟ୍ ରଖାଯାଇଥିଲା। ଏହି ସ୍ପିରିଟ୍ ବ୍ୟବହାର କରି କେଉଁସ୍ଥାନରେ ନକଲି ବିଦେଶୀ ମଦ ପ୍ରସ୍ତୁତ କରାଯାଉଥିଲଶ, ସେ ନେଇ ଅଧିକ ତଦନ୍ତ ଜାରି ରହିଛି। ଏନେଇ ଅବକାରୀ ବିଭାଗ ଏକ ମାମଲା (ନଂ. ୨୮/୧୯-୨୦)ରେ ରୁଜୁ କରି ଅଭିଯୁକ୍ତ ସତ୍ୟରଞ୍ଜନଙ୍କୁ କୋର୍ଟ ଚାଲାଣ କରିଛି। ଏହି ଚଢ଼ାଉରେ ନିଳଗିରୀ ଅବକାରୀ ଅଧିକାରୀ ଉଦୟଲାଲ ନାୟକଙ୍କ ସମେତ ସୋର ଅଧିକାରୀ କଳମଣୀ ମହାରଣା ଅଂଶଗ୍ରହଣ କରିଥିଲେ।

## ୨ ନାଗୁଣୀ ସହ ୪୫ ଛୁଆ ଉଦ୍ଧାର



ଉଦ୍ଧାର ସାପ ।

**ଭଦ୍ରକ ଅଫିସ, ୧୯।୬:** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ମା' ଭଦ୍ରକାଳୀ ମନ୍ଦିର ନିକଟସ୍ଥ ହାତୀସାହି ଗ୍ରାମର ସୁରେଶ ରାଉତଙ୍କ ଘରୁ ବୁଧବାର ୨ଟି ନାଗୁଣୀ ସହ ୪୫ ଛୁଆ ଉଦ୍ଧାର କରାଯାଇଛି। ଭଦ୍ରକର ସାପଧରାଳି ଶେଖ୍ ମିର୍ଜା ମଙ୍ଗଳବାର ଅପରାହ୍ନ ୫ଟାରୁ ବୁଧବାର ଅପରାହ୍ନ ପର୍ଯ୍ୟନ୍ତ ସୁରେଶଙ୍କ ଘର କାନ୍ଥ ଖୋଳି ଏହି ସାପଗୁଡ଼ିକୁ ଉଦ୍ଧାର କରିଥିଲେ। ଗୁରୁବାର ଉଦ୍ଧାର ସାପଗୁଡ଼ିକୁ ବନ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

## ଢାବାରେ ଚଢ଼ାଉକରି ମଦ ବୋତଲ ଭାଙ୍ଗିଲେ ମହିଳା

**ଖଇରା,୧୯।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବଜାରଠାରୁ ୧କି.ମି. ଦୂର କୋଚିଆକୋଇଲିଠାରେ ସୋର-କୁପାରୀ ରାସ୍ତା କଡରେ ଥିବା ଏକ ଢାବା ଉପରେ ସ୍ଥାନୀୟ ତାଳ ମହୁରି ଗ୍ରାମର ମହିଳାମାନେ ସଂଗଠିତ ହୋଇ ଚଢାଉ କରି ମଦ ବୋତଲ ଭଙ୍ଗାରୁଜା କରିଛନ୍ତି। ଢାବାରେ ଅସାମାଜିକ ଲୋକଙ୍କ କମେଣ୍ଟମରା ଘଟଣାରେ ମହିଳାମାନେ ଉତ୍କ୍ଷିପ୍ତ ହୋଇ ଶେଷରେ ଆଇନକୁ ହାତକୁ ନେଇଛନ୍ତି। ଏହି ଆନ୍ଦୋଳନରେ ମହିଳାଙ୍କ ନେତୃତ୍ୱ ନେଇଥିବା ଗ୍ରାମର ଚନ୍ଦନା ମୁଖୀ,ସୀତା ମୁଖୀ, ରୀନା ମୁଖୀ, ରତ୍ନମଣି ମୁଖୀ,ବାସନ୍ତୀ ମୁଖୀ, ବିମଳା ବେହେରା, ମାଳତୀ ମୁଖୀ ପ୍ରମୁଖ ଖଇରା ଥାନାକୁ ଯାଇ ଏ ନେଇ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଢାବା ମାଲିକଙ୍କୁ ତୁରନ୍ତ ଗିରଫ କରିବା ସକାଶେ ସେମାନେ ମଧ୍ୟ ଦାବି କରିଛନ୍ତି।

ଆନ୍ଦୋଳନକାରୀ ମହିଳା ଅଭିଯୋଗ କରିଛନ୍ତି ଯେ, ଏହି ସ୍ଥାନରେ ୩ବର୍ଷ ଧରି ବେଆଇନ ମଦ ବିକ୍ରି ହୋଇ ଆସୁଛି। ଏଥିଲାଗି ସ୍ଥାନୀୟ ତାଳମହୁରି ଗ୍ରାମବାସୀଙ୍କ ସାମାଜିକ ଜୀବନ ପ୍ରଭାବିତ ହେବା ସହ ପ୍ରତିଦିନ ଘରୋଇ ହିଂସା ଦେଖାଦେଉଥିଲା। ମହିଳାମାନେ ଗ୍ରାମରେ ବାରମ୍ବାର ବୈଠକ ଡାକି ମଦ ବନ୍ଦ କରିବାକୁ ସ୍ଥାନୀୟ ଢାବା ମାଲିକଙ୍କୁ ତାଗିଦ କରି ଆସୁଥିଲେ । ମଦ ବେପାର ବନ୍ଦ ହେବା ଦୂରର କଥା ସନ୍ଧ୍ୟା ହେଲେ ଢାବା ସଂଲଗ୍ନ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇଥିଲା । ରଜରେ ଗାଁ ଝିଅମାନେ ସୁନ୍ଦରପୁର ଗ୍ରାମରୁ ରଜ ମହୋତ୍ସବ ଦେଖି ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ଢାବାରେ ଥିବା କେତେକ ଅସାମାଜିକ ନିଶାସକ୍ତ ଯୁବକ ସେମାନଙ୍କୁ କମେଣ୍ଟ ମାରିବା ସହ ଗାଳି ଗୁଲଜ କରିଥିଲେ। ଏହି ଘଟଣା ଗ୍ରାମର ମହିଳା ଓ ସେମାନଙ୍କ ଅଭିଭାବକଙ୍କୁ ବାଧିଥିଲା । ଶେଷରେ ଏଭଳି କାର୍ଯ୍ୟକଳାପ ବିରୋଧରେ ସ୍ଥାନୀୟ ମା' ଅମ୍ବିକା ଗୋଷ୍ଠୀର ସଦସ୍ୟାମାନେ ବୁଧବାର ପୂର୍ବାହ୍ନରେ ଢାବାରେ ପଶି ଶତାଧିକ ଲିଟର ମଦ ନଷ୍ଟ କରି ସେଥିରେ ନିଆଁ ଲଗାଇ ଦେଇଥିଲେ।



ମହିଳାମାନେ ମଦ ବୋତଲ ଭାଙ୍ଗି ନିଆଁ ଲଗାଉଛନ୍ତି ।

### ମହଙ୍ଗା ପଡିଲା କମେଣ୍ଟମରା









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ମନୁଷ୍ୟର ପ୍ରକୃତି ହେଲା ଅନ୍ୟ ବିଷୟରେ ଠିକ୍ କଥା କହିବ, ନିଜ ବେଳକୁ ଭୁଲ୍ କାମ କରୁଥିବା।
-ଏଡ୍‌ଗାର୍ଡ ଭାରେସେସ୍



**ସଂକ୍ଷେପରେ**

## ମା'ଝିଅଙ୍କଠାରୁ ୫୬ ହଜାର ୮ଶହ ଲୁଟ୍

ଗଣିଆ,୧୯।୬(ଡି.ଏନ.ଏ.): ନୟାଗଡ଼ ଜିଲା ଗଣିଆ ବଜାରରୁ ବୁଧବାର ଦିନ ଦ୍ୱିପ୍ରହରରେ ଲୁଟେରାମାନେ ୨ମହିଳାଙ୍କଠାରୁ ଟଙ୍କା ଲୁଟ୍ କରି ଫେରାର ହୋଇଯାଇଛନ୍ତି। ଲୁଟ୍‌ର ଶିକାର ମହିଳାଦ୍ୱୟ ହେଲେ ଗଣିଆ ବ୍ଲକ କିଶୋରପ୍ରସାଦ ପଞ୍ଚାୟତ ଗୋପାଳ ପ୍ରସାଦ ଗ୍ରାମର ଗୀତାଞ୍ଜଳି ପ୍ରଧାନ ଓ ତାଙ୍କ ମା' କୋକିଳ ପ୍ରଧାନ। ଏ ନେଇ ମା' ଓ ଝିଅ ଅପରାହ୍ନରେ ଗଣିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବୁଧବାର ଅପରାହ୍ନ ପ୍ରାୟ ଗୋଟାଏ ସମୟରେ ଗଣିଆସ୍ଥିତ ଇଣ୍ଡିଆନ ବ୍ୟାଙ୍କ ଶାଖାରୁ ଗାଡ଼ି କିସ୍ତି ଦେବା ପାଇଁ ଗୀତାଞ୍ଜଳି ଓ କୋକିଳ ଉଭୟଙ୍କ ଆକାଉଣ୍ଟରୁ ୫୬ହଜାର ୮ଶହ ଟଙ୍କା ଉଠାଣ କରିଥିଲେ। ସମୁଦାୟ ଟଙ୍କା ସହ ରାଶନ କାର୍ଡ, ୨ଟି ବ୍ୟାଙ୍କ ପାସ୍‌ବୁକ୍ ଓ ଏକ ମୋବାଇଲକୁ ଗୀତାଞ୍ଜଳି ନିଜର କ୍ୟାରିବ୍ୟାଗ୍‌ରେ ରଖିଥିଲେ। ବ୍ୟାଙ୍କଠାରୁ ଚାଲି ଚାଲି ଆସି ସେମାନେ ଗଣିଆ ତଳବଜାର ମା' ମଙ୍ଗଳାମଣ୍ଡପ ନିକଟରେ ଗାଁକୁ ଯିବା ପାଇଁ ଗାଡ଼ିକୁ ଅପେକ୍ଷା କରିଥିଲେ। ଏକ ବାଇକ୍‌ରେ ସେମାନଙ୍କୁ ପିଛା କରୁଥିବା ଦୁଇଜଣ ଯୁବକ ଆସି ହଠାତ୍ ଗୀତାଞ୍ଜଳିଙ୍କଠାରୁ କ୍ୟାରିବ୍ୟାଗ୍ ଜୋରଜବରଦସ୍ତ ଛଡାଇନେଇ ଗଣିଆ-କଣ୍ଟିଲୋ ରାସ୍ତାରେ ଦ୍ରୁତଗତିରେ ପଳାଇ ଯାଇଥିଲେ। ଲୁଟେରା ଦୁଇଜଣଙ୍କୁ ଗୀତାଞ୍ଜଳି ବ୍ୟାଙ୍କ କାର୍ଯ୍ୟାଳୟ ପରିସରରେ ଦେଖିବାକୁ ପାଇଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଥିବା କହିଛି।

## ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ଗଠନ



ରଣପୁର,୧୯।୬(ସ୍ୱ.ପ୍ର.): ସାମନ୍ତସିଂହାରପୁର ଗ୍ରାମ ରଣବିଜୁଳି ଠାକୁରାଣୀଙ୍କ ପୀଠରେ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ କରାଯାଇଥିଲା। ଏଥିରେ ଶିକ୍ଷାବିତ୍ ପ୍ରସନ୍ନ କୁମାର ରଥ ସଭାପତିତ୍ୱ କରିଥିଲେ। ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ମୁଖ୍ୟଅତିଥି, ସରପଞ୍ଚ ଶରତ ଚନ୍ଦ୍ର ରଥ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ବସନ୍ତ କୁମାର ବାରିକ, ଗୋଦାବରୀଶ ପ୍ରଧାନ, ଅଭିରାମ ମହାପାତ୍ର, ଲକ୍ଷ୍ମୀଧର ବେହେରା, ପ୍ରଫୁଲ୍ଲ କୁମାର ଜେନା ପ୍ରମୁଖ ସଭାରେ ଉପସ୍ଥିତ ଥିଲେ। ବୟସ୍କ ବ୍ୟକ୍ତିମାନେ କିପରି ସୁରକ୍ଷା ପାଇପାରିବେ ଓ ସେମାନଙ୍କର ସମସ୍ୟାଗୁଡିକ କିପରି ସମାଧାନ ହୋଇପାରିବ ସେ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏହି ଅବସରରେ କ୍ଷୀରେନ୍ଦ୍ର ଭୋଳ, ହରିହର ପ୍ରଧାନ ଓ ପଙ୍କଜ ଭୋଳ ନାମକ ୩ ଜଣ ବୟସ୍କ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଭଜନ ପରିବେଷଣ ହୋଇଥିଲା। ଶେଷରେ ସଦାଶିବ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ସ୍ୱଚ୍ଛ ଭାରତ ମିଶନ ଯୋଜନାରୁ ବଞ୍ଚିତ କୁନ୍ତଳା

ନୟାଗଡ଼ ଅଫିସ,୧୯।୬

ନୟାଗଡ଼ର ଅଧିକାଂଶ ସହରବାସୀଙ୍କ ପାଇଁ ରହିଛି ଚକଚକ୍ ମାର୍ବଲ ସାଙ୍ଗକୁ ଇଟାଲିଆନ୍ ପ୍ୟାନ୍ ଥିବା ପାଇଖାନା। କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଅନୁସାରେ ଯାହାର ପାଇଖାନା ନ ଥିବ ତାଙ୍କ ପାଇଁ ପାଇଖାନା ନିର୍ମାଣ ବ୍ୟବସ୍ଥା କରାଯାଇଥିଲେ ସୁଦ୍ଧା ଅନେକ କ୍ଷେତ୍ରରେ ପ୍ରକୃତ ହିତାଧିକାରୀ ଏଥିରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ନୟାଗଡ଼ ପୌର ପରିଷଦର ୬ ନମ୍ବର ୱାର୍ଡ଼ ଚେକ୍‌ଗେଟ ଶଗଡ଼ିଆ ସାହିର କୁନ୍ତଳା ପଲେଇ ହେଉଛନ୍ତି ଏହାର ଜ୍ୱଳନ୍ତ ଉଦାହରଣ। ସେ ଦୀର୍ଘବର୍ଷ ଧରି ଜରିପାଲକୁ ଏକାଠି କରି ତିଆରି କରିଛନ୍ତି ପାଇଖାନା ଘର। ବର୍ଷାଦିନେ ଏଥିଯୋଗୁ ସେ ବହୁ ହଇରାଣ ହରକତ ହୋଇଥାନ୍ତି। ସୂଚନାଯୋଗ୍ୟ, ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ଗ୍ରାମାଞ୍ଚଳ ପାଇଖାନା ପାଇଁ ୧୨ ହଜାର ଓ ସହରାଞ୍ଚଳରେ ବସବାସ କରୁଥିବା ହିତାଧିକାରୀଙ୍କ ପାଇଁ ୮ ହଜାର ଟଙ୍କାର ଅନୁଦାନ ରହିଛି। ହେଲେ ଏ ବିଷୟରେ କେହି ଜଣାଇ ନାହାନ୍ତି ବୋଲି କୁନ୍ତଳା କହନ୍ତି। ସେ ପକ୍ଷାଘାତ ରୋଗରେ



କୁନ୍ତଳାଙ୍କ ଜରିପାଲ ଟଣା ପାଇଖାନା।

**ବ୍ୟବହାର କରୁଛନ୍ତି ଜରି ପାଲଟଣା ପାଇଖାନା**

ଆକ୍ରାନ୍ତ ସ୍ୱାମୀ ଗୋବିନ୍ଦଙ୍କ ସହ ଏକ ଆଜବେଷ୍ଟସ୍ ଘରେ ରହୁଥିବାବେଳେ ୩ ପୁଅ ଅଲଗା ରହନ୍ତି। ଜାତୀୟ ରାଜପଥ ୫୭ ନଂ ରାସ୍ତା ପାର୍ଶ୍ୱରେ କୁନ୍ତଳାଙ୍କ ଘର। ତେବେ ତାଙ୍କର ଏହି ଭଙ୍ଗାଦଦରା ପାଇଖାନାଟି ପ୍ରତି କେମିତି କାହାର ନଜର ପଡ଼ିନି ତାହା ବିସ୍ମୟ ପାଲଟିଛି। ସୂଚନାଯୋଗ୍ୟ, ୨୦୧୮ ଏପ୍ରିଲ ୮ ତାରିଖରେ ନୟାଗଡ଼ ସହରରକୁ ଖୋଲା ଶୌଚମୁକ୍ତ ସହର ଭାବେ ଘୋଷଣା କରାଯାଇଥିଲା। ନିୟମାନୁସାରେ ଯାହା ଘରେ ଲାଟିନ୍ ନାହିଁ ସେମାନଙ୍କୁ ପାଇଖାନା ନିମନ୍ତେ କାର୍ଯ୍ୟାଦେଶ ଦିଆଯିବ। ତେବେ କେଉଁ କାରଣରୁ କୁନ୍ତଳାଙ୍କୁ ପାଇଖାନା ଦିଆଯାଇନାହିଁ ତାହା ତଦନ୍ତସାପେକ୍ଷ ବୋଲି ଅନେକ କହନ୍ତି। କେତେକ କ୍ଷେତ୍ରରେ ପୁରୁଣା ଲାଟିନ୍ ପ୍ୟାନ୍‌କୁ ରଙ୍ଗ କରି ଅନେକ ହିତାଧିକାରୀଙ୍କୁ ଦିଆଯାଇଥିବା ଅଭିଯୋଗ ହୋଇଛି। ପ୍ରକାଶଯୋଗ୍ୟ, ନୟାଗଡ଼ ପୌର ପରିଷଦସ୍ଥ ୧୩ଟି ୱାର୍ଡ଼ରେ ୪୦୪୬ ପରିବାର ରହୁଛନ୍ତି। ଏଥିରୁ ୮୦୦ ପରିବାରରେ ପାଇଖାନା ନ ଥିବା ସର୍ଭେରୁ ଜଣାପଡ଼ିବା ପରେ ୬୦୦ ପରିବାରକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ୨୦୦ ହିତାଧିକାରୀ ପରିବାରକୁ କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି ପରିଷଦର ଜଣେ କର୍ମକର୍ତ୍ତା ସୂଚନା ଦେଇଛନ୍ତି।

■ ନାବାଳିକା ଅପହରଣ, ବଳାତ୍କାର ଘଟଣା

## ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

ଓଡ଼ଗାଁ,୧୯।୬(ସ୍ୱ.ପ୍ର.)

ଓଡ଼ଗାଁ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ଘଟଣାରେ ସ୍ଥାନୀୟ ପୋଲିସ ବୁଧବାର ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ସ୍ଥାନୀୟ ଥାନା ଓ ଗୌଡପୁଟ ପଞ୍ଚାୟତ ଅଞ୍ଚଳର ବାନାମ୍ବର ନାୟକ(୨୨)। ସୂଚନାଯୋଗ୍ୟ, ଏହି ଅଞ୍ଚଳର ଜଣେ ୧୫ ବର୍ଷିୟା ନାବାଳିକାଙ୍କୁ ୧୬ ତାରିଖରେ ଅପହରଣ କରାଯାଇଥିବା ନେଇ ସ୍ଥାନୀୟ ଥାନାରେ ସୋମବାର ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଅଭିଯୋଗକ୍ରମେ ପୋଲିସ କେସ୍ ନଂ୧୦୧/୧୯ଅନୁସାରେ ତଦନ୍ତ ଜାରି ରଖିଥିଲା। ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ସ୍ଥାନୀୟ ଜେଏମ୍‌ଏଫ୍‌ସି କୋର୍ଟରେ ଉଭୟଙ୍କ ବୟାନ ରେକର୍ଡ କରିଥିଲା। ବୁଧବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ଏହାପରେ ପୋଲିସ ଉଭୟ ବାନାମ୍ବର ଓ ନାବାଳିକାଙ୍କୁ ନୟାଗଡ଼ କୋର୍ଟରେ ହାଜର କରିଥିଲା। ଅଭିଯୁକ୍ତଙ୍କ ଜାମିନ୍ ନାମଞ୍ଜୁର ପରେ ତାଙ୍କୁ କୋର୍ଟଚାଲାଣ କରାଯିବା ସହ ନାବାଳିକାଙ୍କୁ ପରିବାର ହସ୍ତାନ୍ତର କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

## ବାଇକ୍-ଅଟୋ ଦୁର୍ଘଟଣା, ୨ ଗୁରୁତର



ଗୁରୁତର ୨ ଭାଇ।

ଭାପୁର,୧୯।୬(ଡି.ଏନ୍.ଏ.)

ଭାପୁର-ମନ୍ଦାରବେରଣୀ ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାରେ ଏକ ବାଇକ୍ ଓ ଅଟୋ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଦୁର୍ଘଟଣା ଘଟି ବୁଧବାର ୨ ଜଣ ଗୁରୁତର ହୋଇଛନ୍ତି। ଏମାନେ ହେଲେ ଖଣ୍ଡପଡ଼ା ବ୍ଲକ ଶାଳଝରିଆ ଗ୍ରାମର ୨ ଭାଇ ଫକିର ଓ ଜିତେନ୍ଦ୍ର ମହାନ୍ତି। ଏକ ବାହାଘର ଉତ୍ସବରେ ଯୋଗଦେବା ପାଇଁ ଖୋର୍ଦ୍ଧା ଅଭିମୁଖେ ଯାଉଥିଲାବେଳେ ଭାପୁର ଆଡୁ ଦୃତଗତିରେ ଆସୁଥିବା ଏକ ଅଟୋ ସେମାନଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଚିକିତ୍ସା ପାଇଁ ସେମାନଙ୍କୁ ପ୍ରଥମ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରିଛନ୍ତି। ଘଟଣା ସ୍ଥଳରେ ଅଟୋକୁ ଛାଡ଼ି ଡ୍ରାଇଭର ଫେରାର୍ ହୋଇଯାଇଛନ୍ତି।

# ଆରଏମ୍‌ସି ପରିସରରେ ବାଣିଜ୍ୟିକ କେନ୍ଦ୍ର ଉଦ୍‌ଘାଟିତ

ନୟାଗଡ଼ ଅଫିସ,୧୯।୬

ନୟାଗଡ଼ ଆରଏମ୍‌ସି (ନିୟନ୍ତ୍ରିତ ବଜାର କମିଟି) ପରିସରରେ ବାଣିଜ୍ୟିକ କେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ତଥା କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ, ପଶୁସମ୍ପଦ ବିଭାଗ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବଣିକ ସଂଘର ସଭାପତି ଜାନକୀ ବଲ୍ଲଭ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ମନ୍ତ୍ରୀ ସାହୁ ନିଜ ବକ୍ତବ୍ୟରେ ୬୬ ଲକ୍ଷ ଟଙ୍କା ବ୍ୟୟରେ ୨୨ଟି ଗୋଦାମ ହୋଇଥିବା ପ୍ରକାଶ କରିଥିଲେ। ଗୋଦାମ ଏଠାକୁ ଆସିବା ଦ୍ୱାରା ସହରରେ





ମୁଖ୍ୟଅତିଥି ମନ୍ତ୍ରୀ ଅରୁଣ ସାହୁ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

**କମିବ ଟ୍ରାଫିକ୍ ସମସ୍ୟା**

ଟ୍ରାଫିକ୍ ସମସ୍ୟା ଦୂର ହୋଇଯିବ ଏବଂ ଆଗାମୀ ଦିନରେ ସହରକୁ ସ୍ୱଚ୍ଛ ରଖାଯିବ ବୋଲି ମନ୍ତ୍ରୀ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଡା.ଏନ୍. ତିରୁମାଲା ନାୟକ, ଏସ୍‌ପି ଶଶିଭୂଷଣ ଶତପଥୀ, ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ସହରରେ ଗୋଦାମଗୁଡ଼ିକ ନ ଥିବାରୁ ସକାଳ ଓ ସନ୍ଧ୍ୟା ସମୟରେ ଟ୍ରାଫିକ୍ ସମସ୍ୟା ଦେଖାଦେଇଥାଏ।

## ୨୨ରେ କଂଗ୍ରେସର ବିପର୍ଯ୍ୟୟ ସମୀକ୍ଷା

ନୟାଗଡ଼ ଅଫିସ,୧୯।୬

ନୟାଗଡ଼ ଜିଲାରେ କଂଗ୍ରେସ ଦଳର ଶୋଚନୀୟ ପରାଜୟ ହୋଇଛି। ଏହାର କାରଣ ସମ୍ପର୍କରେ ନିର୍ଯାସ ବାହାର କରିବା ପାଇଁ ନିର୍ବାଚନମଣ୍ଡଳୀ ଅନୁଯାୟୀ ସମୀକ୍ଷା କରାଯିବ। ଆସନ୍ତା ୨୨ରେ ଏହି ସମୀକ୍ଷା ହେବ ବୋଲି ଜିଲା ସଭାପତି ରଣଜିତ୍ ଦାଶ ସୂଚନା ଦେଇଛନ୍ତି। ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଦ୍ୱାରା ଗଠିତ ରାଜ୍ୟସ୍ତରୀୟ ଅନୁଧ୍ୟାନ କମିଟି ନୟାଗଡ଼ ଜିଲାକୁ ଆସିବ। ଜିଲା ଦାୟିତ୍ୱରେ ଥିବା କଟକ ବାରବାଟୀ ବିଧାୟକ ମହମ୍ମଦ ମୋକିମ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ବିଶ୍ୱଜିତ ଦାସ ଏବଂ ରାଜ୍ୟ ମହିଳା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାନେତ୍ରୀ ବନ୍ଦିତା ପରିଡ଼ା ପ୍ରମୁଖ ସମୀକ୍ଷା କରିବେ। ୨୨ ତାରିଖ ପୂର୍ବାହ୍ନରେ ନୟାଗଡ଼ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଜିଲାର ୪ ଗୋଟି ନିର୍ବାଚନମଣ୍ଡଳୀର ବିଧାନସଭା, ଲୋକ ସଭା ପ୍ରାର୍ଥୀ, ଜିଲା କଂଗ୍ରେସ କର୍ମକର୍ତ୍ତା, ବରିଷ୍ଠ ନେତା ଓ ଦଳୀୟ କର୍ମୀମାନଙ୍କ ସହିତ ଆଲୋଚନା କରାଯିବ। ଆଗାମୀ ଦିନରେ ଦଳୀୟ ସଙ୍ଗଠନ କିଭଳି ସୁଦୃଢ଼ କରାଯିବ, ସେଥିପାଇଁ ଆଲୋଚନା କରାଯିବ ବୋଲି ସୂଚନା ଦିଆଯାଇଛି।

## ବିୟର ବୋଝେଇ ଗାଡ଼ି ଲୁଟ

ବେଗୁନିଆ, ୧୯।୬ (ଡି.ଏନ.ଏ.)

ଖୋର୍ଦ୍ଧା ପୋଲିସ ଜିଲା ବେଗୁନିଆ ଥାନା ଅଞ୍ଚଳରେ ଲୁଟେରା ସକ୍ରିୟ ହୋଇଛନ୍ତି। ମଙ୍ଗଳବାର ରାତିରେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥରେ ଯାଉଥିବା ଏକ ବିୟର ବୋଝେଇ ଆଇଚରକୁ ଲୁଟେରାମାନେ କେଉଁ ଆଡେ ନେଇ ଯାଇଛନ୍ତି।

# ମକ୍‌ଡ୍ରିଲ ମାଧ୍ୟମରେ ସଚେତନତା

ନୟାଗଡ଼ ଅଫିସ,୧୯।୬

ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ବୁଧବାର ଜିଲାର ବିଭିନ୍ନ ସ୍ଥାନରେ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପ୍ରାକୃତିକ ଦୁର୍ବିପାକର ମୁକାବିଲା ପାଇଁ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା। ଜିଲା ଜରୁରିକାଳୀନ ବିଭାଗ ଦ୍ୱାରା ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ କର୍ମଚାରୀମାନେ ମକ୍‌ଡ୍ରିଲ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ କିପରି ଉଦ୍ଧାର କରାଯାଇପାରିବ ସେ ଦିଗରେ କର୍ମଚାରୀମାନେ ମକ୍‌ଡ୍ରିଲ କରାଇ ସଚେତନ କରାଇଥିଲେ। ସେହିଭଳି ଗ୍ୟାସ୍‌ନିଆଁ ଲାଗିଲେ ନ ଡରି କିପରିଭାବେ ଏହାକୁ ସହଜରେ ଲିଭାଇହେବ ସେ ବିଷୟରେ ମଧ୍ୟ ସଚେତନ କରାଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ଭଳି ଜିଲାର ୮ ବ୍ଲକରେ ଥିବା ୧୭ ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ଏବଂ ପ୍ରତ୍ୟେକ ବ୍ଲକ କାର୍ଯ୍ୟାଳୟ ପରିସରରେ ମଧ ମକ୍‌ଡ୍ରିଲ୍ କରାଯାଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ, ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ ଏବଂ ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।



ଅଗ୍ନିଶମ କର୍ମଚାରୀମାନଙ୍କ ଦ୍ୱାରା ମକ୍‌ଡ୍ରିଲ କରାଯାଉଛି।

■ ନାବାଳିକାଙ୍କୁ ପ୍ରତାରଣା କରି ଯୁବକ ଫେରାର

## ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର ଲୋକେ

ନୟାଗଡ଼ ଅଫିସ,୧୯।୬

ନୟାଗଡ଼ ଜିଲା ଦଶପଲ୍ଲା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଘୋଳାହାଣ୍ଡି ଗ୍ରାମର ଜଣେ ଯୁବକ ବିବାହ କରିବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଛନ୍ତି। ଏ ନେଇ ନାବାଳିକା ଜଣଙ୍କ ଯୁବକଙ୍କ ଘର ଆଗରେ ଧାରଣା ଦେଇଥିଲେ ମଧ ଦଶପଲ୍ଲା ପୋଲିସ କେବଳ ମାମଲା ରୁଜୁକରି ହାତବାନ୍ଧି ବସିଛି। ଫଳରେ ନ୍ୟାୟ ପାଇଁ ନାବାଳିକାଙ୍କ ପରିବାର ଲୋକେ ବୁଧବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଘଟଣାରୁ ପ୍ରକାଶ ଯେ, ଦଶମ ଶ୍ରେଣୀରେ ପଢୁଥିବା ନାବାଳିକାଙ୍କୁ ଘୋଳାହାଣ୍ଡି ଗ୍ରାମର ଶିବ ପଧାନ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଶାରୀରିକ ସମ୍ପର୍କରଖିଥିଲେ। ପରେ ଶିବ ନାବାଳିକାଙ୍କୁ ଖୋର୍ଦ୍ଧା, କଟକ ଓ ଭୁବନେଶ୍ୱରରେ ନେଇ କିଛିଦିନ ରଖିଥିଲେ। ଏହାପରେ ଗଣିଆ ବ୍ଲକରେ ମଧ ଉଭୟ କିଛିଦିନ ରହିଥିଲେ। ତେବେ ତାଙ୍କ ଗ୍ରାମକୁ ନେବେ ବୋଲି କହି ଗଣିଆ ବଜାରରେ ଶିବ ପ୍ରେମିକାଙ୍କୁ ଛାଡ଼ିଦେଇ ଫେରାର ହୋଇଯାଇଥିଲେ। ପରେ ତାଙ୍କର ପରିଚୟ ପଚାରି କିଛି ବ୍ୟକ୍ତି ନାବାଳିକାଙ୍କୁ ତାଙ୍କ ଗ୍ରାମରେ ଆଣି ଛାଡ଼ିଥିଲେ। ନାବାଳିକା ଶିବଙ୍କ ଘରକୁ ଯାଇଥିଲେ। ସେଠାରେ ସେ ନ ଥିବା ବେଳେ ନାବାଳିକା ଧାରଣାରେ ବସିଥିଲେ। ପରଦିନ ନାବାଳିକା ଓ ତାଙ୍କ ପରିବାର ଲୋକେ ଦଶପଲ୍ଲା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନୟାଗଡ଼ କୋର୍ଟକୁ ନେଇ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ନାବାଳିକାଙ୍କ ବୟାନ ରେକର୍ଡ କରିଥିଲା। ଏହି ଘଟଣା ପରେ ନାବାଳିକା ଦଶପଲ୍ଲା ଥାନାକୁ ବାରମ୍ବାର ଯାଉଥିଲେ ମଧ୍ୟ ପୋଲିସ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଯୁବକ ଜଣଙ୍କ ଫେରାର ଥିବା ପୋଲିସ ସଫେଇ ଦେଉଛି। ଏ ନେଇ ନାବାଳିକାଙ୍କ ପରିବାର ମେ ୨୦ ତାରିଖରେ ଏସ୍‌ପିଙ୍କୁ ଭେଟିବାକୁ ଆସିଥିଲେ। ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପିଙ୍କୁ ଭେଟି ଏ ବିଷୟରେ କହିଥିଲେ। ନାବାଳିକା ପ୍ରତିଦିନ ଯୁବକଙ୍କ ଘର ଆଗରେ ଧାରଣା ଦେଉଥିବାରୁ ଯୁବକଙ୍କ ପରିବାର ଲୋକମାନେ ତାଙ୍କୁ ଗାଳିଗୁଲଜ କରୁଛନ୍ତି। ଏ ନେଇ ବୁଧବାର ନାବାଳିକାଙ୍କ ପରିବାର ଲୋକେ ଏସ୍‌ପିଙ୍କୁ ଭେଟିବା ପରେ ଏସ୍‌ପି ଶଶିଭୂଷଣ ଶତପଥୀ ଯୁବକଙ୍କ ନାମରେ ୱାରେଣ୍ଟ ଜାରି କରାଯିବ ବୋଲି ପ୍ରକାଶ କରିଥିଲେ।

■ ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସ

## କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇ ନ ଥିବାରୁ ଅସନ୍ତୋଷ

ଗଣିଆ,୧୯।୬(ଡି.ଏନ୍.ଏ.)

ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ବେଠିଆସାହି ଗ୍ରାମ ପ୍ରାଥମିକ ବିଦ୍ୟାଳୟ ପରିସରରେ ନବନିର୍ମିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ବୁଧବାର ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ଛାମୁଣ୍ଡିଆ ସରପଞ୍ଚ ତଥା ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା କମିଟି ସଭାପତି ମଙ୍ଗୁଲୁ ସାହୁ ସଭାପତିତ୍ୱ କରିଥିବା ବେଳେ ଅଗ୍ନିଶମ କେନ୍ଦ୍ର ଅଧିକାରୀ ସାନନ୍ଦ ଜେନା, ଛାମୁଣ୍ଡିଆ ପିଇଓ ବିଜୟ କୁମାର ବେହେରା, ଅଗ୍ନିଶମ ବିଭାଗ କର୍ମଚାରୀ, ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା କମିଟି ସମ୍ପାଦକ ରଘୁନାଥ ସାହୁଙ୍କ ସମେତ ନିକଟସ୍ଥ ଗ୍ରାମରୁ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗଦେଇଥିଲେ।

ଅଗ୍ନିଶମ ବିଭାଗ କର୍ମଚାରୀମାନେ ଜାତୀୟ ବିପର୍ଯ୍ୟୟ ବନ୍ୟା, ବାତ୍ୟା, ଭୂମିକମ୍ପ, ଦୁର୍ଘଟଣା, ନିଆଁଘେରରେ ଥିବା ସମୟରେ ବିପନ୍ନ ଲୋକଙ୍କୁ କିପରି ଉଦ୍ଧାର କରାଯିବ ସେ ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ଏଥିସହ ଲାଇଫ୍ ଜ୍ୟାକେଟ୍, ଲାଇଫ୍ ଗାର୍ଡଙ୍କ ବ୍ୟବହାର, ନଦୀରେ ବୁଡିଯାଉଥିବା ଲୋକଙ୍କୁ କିପରି ଉଦ୍ଧାର କରାଯାଇପାରିବ, ସାପ କାମୁଡିଲେ ତା'ର ପ୍ରାଥମିକ ଚିକିତ୍ସା ନେଇ ସୂଚନା ଦେଇଥିଲେ। ଏଥିନେଇ ବିଭାଗୀୟ କର୍ମଚାରୀମାନେ ବିଭିନ୍ନ କୌଶଳ ପ୍ରଦର୍ଶନ କରି ଲୋକଙ୍କୁ ଦେଖାଇଥିଲେ। ତେବେ ଏହି ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା କମିଟିର ସଭ୍ୟାସଭ୍ୟ, ଉଦ୍ଧାରକାରୀ ଦଳ, ଚିକିତ୍ସା ପାଇଁ ଥିବା ସ୍ୱେଚ୍ଛାସେବୀ ଦଳର ସଭ୍ୟାସଭ୍ୟମାନଙ୍କୁ ଆଜିର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇ ନ ଥିବାରୁ କେତେକ ସଭ୍ୟ ବିରୋଧ ପ୍ରକାଶ କରିଥିଲେ। ସେହିପରି ଗତ ୨୦୧୫ରୁ ଗଠିତ ହୋଇଥିବା ଏହି କମିଟିର କୌଣସି ବୈଠକ ଅନୁଷ୍ଠିତ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା।



ଅଗ୍ନିଶମ ବିଭାଗ କର୍ମଚାରୀମାନେ କୌଶଳ ପ୍ରଦର୍ଶନ କରୁଛନ୍ତି।

■ ନୂଆଗାଁ ବ୍ଲକରେ ମକ୍‌ଡ୍ରିଲ କାର୍ଯ୍ୟକ୍ରମ

## ନାମକୁମାତ୍ର ସରକାରୀ ନିର୍ଦ୍ଦେଶ ପାଳନ

ନୂଆଗାଁ,୧୯।୬(ଡି.ଏନ୍.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ବୁଧବାର ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହା ଏକ ସରକାରୀ କାର୍ଯ୍ୟକ୍ରମ ଏବଂ ବହୁ ଲୋକଙ୍କ ଅବଗତି ନିମନ୍ତେ କରାଯାଉଥିବା ବେଳେ ମାତ୍ର କିଛି ହାତଗଣତି ବ୍ଲକ କର୍ମଚାରୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଫଳରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ବୁଧବାର ନୂଆଗାଁ ବ୍ଲକ କାର୍ଯ୍ୟାଳୟ ପରିସର ମଧ୍ୟରେ ନୂଆଗାଁ ଅଗ୍ନିଶମ ସେବା ବାହିନୀ ପକ୍ଷରୁ ମକ୍‌ଡ୍ରିଲ କାର୍ଯ୍ୟକ୍ରମ କରାଯିବ ଏବଂ ଏଥିରେ ଯୋଗଦେବା ପାଇଁ ଏମ୍‌ପି, ବିଧାୟକ, ଜିଲା ପରିଷଦ ସଭ୍ୟ,ବ୍ଲକ ଅଧ୍ୟକ୍ଷ, ସମସ୍ତ ସରପଞ୍ଚ ଓ ସମିତିସଭ୍ୟ, ପିଇଓ, ତହସିଲଦାର, ସିଡିପିଓ, ମହିପୁର ମୁଖ୍ୟ ଚିକିତ୍ସାଧିକାରୀ, ବ୍ଲକ ଶିକ୍ଷାଧିକାରୀ, ମହିପୁର ରେଞ୍ଜରଙ୍କୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦.୩୦ ମିନିଟରେ ଅନୁଷ୍ଠିତ ହେବା ପାଇଁ ସମୟ ନିର୍ଦ୍ଧାରଣ କରାଯାଇଥିଲା। ସେହି ଅନୁସାରେ ଜରୁରିକାଳୀନ ସେବା ପାଇଁ ନିୟୋଜିତ ଅଗ୍ନିଶମ କର୍ମଚାରୀମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ଉପସ୍ଥିତ ହୋଇଥିବା ବେଳେ ଅନ୍ୟ କେହି ଆସି ନ ଥିଲେ। ଏହି କାର୍ଯ୍ୟକ୍ରମ ବିଡିଓ, ବ୍ଲକ ଅଧ୍ୟକ୍ଷ, ତହସିଲଦାର, ରେଞ୍ଜର ଓ ଦୁଇଜଣ ସରପଞ୍ଚଙ୍କ ସମେତ କେତେକ ପିଇଓ ଏବଂ ଅନ୍ୟ କିଛି ବ୍ଲକ କର୍ମଚାରୀଙ୍କ ଉପସ୍ଥିତିରେ ଦେଢ଼ଘଣ୍ଟା ବିଳମ୍ବରେ କରାଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀମାନେ ଜରୁରିକାଳୀନ ସେବାରେ ନିୟୋଜିତ ଥିବାବେଳେ ସେମାନଙ୍କୁ ଡକାଇ ବିଳମ୍ବରେ କାର୍ଯ୍ୟକ୍ରମ କରାଯାଇଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଲିଡିଂ ଫାୟାର ଅଫିସର ଶୁଭ୍ରାଂଶୁ ଶେଖର ସାମନ୍ତରାୟ ଏ ନେଇ କ୍ଷୋଭ ପ୍ରକାଶ କରିଥିଲେ। ପ୍ରଶାସନିକ ଅପାରଗତା ଯୋଗୁ ବ୍ଲକ କର୍ମଚାରୀମାନେ ସରକାରୀ ନିର୍ଦ୍ଦେଶକୁ ଅବମାନନା କରିଥିବା ଦେଖିବାକୁ ମିଳୁଛି। ସରକାରୀ ଭାବେ ସମସ୍ତଙ୍କୁ ଚିଠି କରାଯିବା ପରେ ଏହାକୁ ଅଣଦେଖା କରୁଥିବା ବିଷୟରେ ନୂଆଗାଁ ବ୍ଲକ ଗ୍ରାମପଞ୍ଚାୟତ ଅଧିକାରୀ କବିତା ପ୍ରଧାନଙ୍କୁ ପଚାରିବାରେ ଏ ନେଇ ବିଡିଓଙ୍କ ସହ କଥା ହେଲାପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



ପାଣିରେ ବୁଡ଼ିବାର କୌଶଳ ଶିକ୍ଷା ଦିଆଯାଉଛି।